
# ଝାଡ଼୍‌ଦ୍ୟାବ

ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ମୁଖପତ୍ର



RCDC

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

ଭୁବନେଶ୍ୱର

## ଏ ସଂଖ୍ୟାରେ...


| | | ପୃଷ୍ଠା |
|---|---|---|
| ➷ | **ବିଶେଷ ପ୍ରସଙ୍ଗ**<br>ଫୁଲଝାଡୁ | ୩ |
| ➷ | **ଆଲୋଚନା**<br>କେମିତି ଚାଲିଛି କେନ୍ଦୁପତ୍ର ବ୍ୟବସାୟ | ୯ |
| ➷ | **ଚାଷବାସ**<br>ଲେମନ୍ ଗ୍ରାସ୍ | ୧୨ |
| ➷ | **ପରିଚାଳନା**<br>ଶାଳ ମଞ୍ଜିର ସଫଳ ପରିଚାଳନା | ୧୪ |
| ➷ | **ତଥ୍ୟ**<br>କେନ୍ଦୁଗଛ ବି ଭଲ କରିପାରିବ କ୍ୟାନସର ଓ ଏଚ୍.ଆଇ. ଭି. | ୧୬ |


## ସମ୍ପାଦକୀୟ...

ପୂର୍ବ ସଂଖ୍ୟାରେ ଆମେ ତେନ୍ତୁଳି ଓ ଶିଆଳୀ ପତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ବିଷୟରେ ତଥ୍ୟ ପ୍ରଦାନ କରିଥିଲୁ । ସର୍ବୋପରି ସମବାୟକୁ ଗୁରୁତ୍ୱ ଦେବା ସହ ଚାଷବାସରେ ଶତାବରୀର ଚାଷ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲୁ । ଏଥରର ସଂଖ୍ୟାରେ କେନ୍ଦୁପତ୍ର ବ୍ୟବସାୟର ଥିବା ସମସ୍ୟା ଓ ଶୋଷଣ ବିଷୟରେ ଉଲ୍ଲେଖ କରାଯାଇଛି । ସେହିଭଳି ଫୁଲଝାଡୁର ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଫୁଲଝାଡୁର ରୋଗ ଓ ସଂଗ୍ରହରେ ପାରମ୍ପରିକ ଜ୍ଞାନର ବ୍ୟବହାର ଭଳି ନୂତନ ବିଷୟ ସବୁକୁ ବିଶଦ ଭାବରେ ଆଲୋଚନା କରାଯାଇଛି । 'ତଥ୍ୟ' ପୃଷ୍ଠାରେ କେନ୍ଦୁପତ୍ରର ନୂତନ ଆବିଷ୍କାର ବିଷୟ ଭଳି ଗବେଷଣାତ୍ମକ ଲେଖାକୁ ସ୍ଥାନୀତ କରାଯାଇଛି । ଏହି ଲେଖାକୁ ପଢ଼ିଲା ପରେ ଜଣେ ନିଶ୍ଚିତ ଭାବେ ଜାଣିବେ ଯେ କେନ୍ଦୁପତ୍ର କେବଳ ବିଡ଼ି ପ୍ରସ୍ତୁତିରେ ଲାଗିବ ନାହିଁ ବରଂ ଏଡ୍‌ସ୍, କ୍ୟାନ୍‌ସର ଭଳି ମହାମାରୀ ଓ ଦୂରାରୋଗ୍ୟ ବ୍ୟାଧିକୁ ମଧ୍ୟ ନିୟନ୍ତ୍ରଣ କରିପାରିବ । ଏଣୁ ଏହି ସଂଖ୍ୟାଟି ପାଠକର ମନଲାଖି ହୋଇପାରିବା ସହିତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ତଥା ବ୍ୟବସାୟ କରୁଥିବା ଆଦିବାସୀମାନେ ଏହାର ଲାଭ ଉଠାଇପାରିବେ ବୋଲି ଆଶା କରାଯାଇପାରେ । ସେହିପରି ଭିତର ପୃଷ୍ଠାରେ ସ୍ଥାନୀତ ହୋଇଥିବା କେନ୍ଦୁପତ୍ର ଶ୍ରମିକ ତଥା ତୋଳାଳୀଙ୍କୁ ଶୋଷଣ ବିଷୟରେ ଜାଣି ସମ୍ପୃକ୍ତ ବନବିଭାଗ ଉକ୍ତ ସ୍ଥାନକୁ ଯାଇ ପରିସ୍ଥିତିର ତଦାରଖ କରିବା ସହିତ ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଯିବ ବୋଲି ଆମର ବିଶ୍ୱାସ ।


<u>ଲିଖନ ଓ ସମ୍ପାଦନା</u>

RCDC

**ରିଜିଓନାଲ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**



ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ପ୍ରକାଶିତ ଏହି ପତ୍ରିକାର କୌଣସି ଅଂଶ, ଫଟୋ, ତଥ୍ୟକୁ ଆଗ୍ରହୀ ସଂସ୍ଥା, ଗବେଷକ ତଥା ବ୍ୟକ୍ତିବିଶେଷ ବ୍ୟବହାର କରିପାରିବେ । ତେବେ ବ୍ୟବହାର ବା ପ୍ରକାଶ ପୂର୍ବରୁ ଆମକୁ ଲିଖିତ ଭାବେ ଜଣାଇଲେ ଆମେ ଖୁସି ହେବୁ ।


## ପାଠକ ପାଠିକାମାନଙ୍କୁ ପଦେ...

**'ଝାର୍‌ଦରବ୍'**ର ପ୍ରକାଶନ ସମ୍ପର୍କିତ ଆବଶ୍ୟକୀୟ ମତାମତ ଦେଇ ପତ୍ରିକାଟିକୁ ସମୃଦ୍ଧ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନୀତ କରାଯିବ । ଏତଦ୍‌ବ୍ୟତୀତ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚ଼ନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚ଼ନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

# ଫୁଲଝାଡ଼ୁ

ସଂଗ୍ରହ ଋତୁ ଆସିଲେ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳରୁ ଆଦିବାସୀ ପୁରୁଷ କିମ୍ବା ସ୍ତ୍ରୀଟିଏ ଫୁଲଝାଡ଼ୁ ସଂଗ୍ରହ କରିବାରେ ଲାଗିଯାଏ ସକାଳରୁ ସଞ୍ଜ ପର୍ଯ୍ୟନ୍ତ । ଘରକୁ ଫେରିଲା ବେଳକୁ ମୁଣ୍ଡରେ କିମ୍ବା କାନ୍ଧରେ ବୋହି ଆଣେ ବୋଝାଏ ଫୁଲଝାଡ଼ୁର ବୋଝ । ତା'ପରେ ତାକୁ ଶୁଖାଇବା, ଗ୍ରେପା ଛଡାଇବା ଆଦି କାର୍ଯ୍ୟ କରିଥାଏ । ଏହା ସହିତ ସେ ଶିଆଳୀ ଲତାରେ ବିଡା ବାନ୍ଧି ମୁଠା ତିଆରି କରିବା ତାକୁ ବଜାରରେ ବିକ୍ରି କରିଥାଏ । ବିକ୍ରିରୁ ଯେଉଁ ଦୁଇ ପଇସା ମିଳେ ସେଥିରୁ ସେ ନିଜର କେଇ ମାସର ଗୁଜୁରାଣ ମେଣ୍ଟାଇଥାଏ । ତେବେ ବିକ୍ରିରୁ ମିଳୁଥିବା କେଇ ପଇସା ତା ଲାଗି ଯଥେଷ୍ଟ ନୁହେଁ ।

ଦିନଥିଲା ସଂଗ୍ରହକାରୀଟିଏ ନିରକ୍ଷର ଓ ଅଜ୍ଞାନ ରହିବା ଯୋଗୁଁ ବଜାରରେ ଫୁଲଝାଡ଼ୁର ଦର, ପ୍ରକ୍ରିୟାକରଣ, ମୂଲ୍ୟଯୋଗ ବିଷୟରେ ଭଲ ଭାବେ ଜାଣିପାରି ନଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଫୁଲଝାଡ଼ୁ ସଂଗ୍ରହକାରୀ ଅନ୍ୟଠାରୁ ଦେଖି ଶିଖି ବଜାର ଓ ବଜାରଦର ବିଷୟରେ ଅନେକ କଥା ଜାଣି ପାରୁଛନ୍ତି । ସେମାନେ ଗ୍ରାମ ସ୍ତରରେ ସମବାୟ ସମିତି ଓ ସ୍ୱୟଂ ସହାୟକ ଦଳଗୁଡ଼ିକ ଗଠନ କରି ଫୁଲଝାଡ଼ୁର ସଫଳ ବ୍ୟବସାୟ କରିବା ଆରମ୍ଭ କଲେଣି । ଫଳରେ ସେମାନେ ଉପଯୁକ୍ତ ମୂଲ୍ୟ ପାଇବା ସହିତ ପୂର୍ବାପେକ୍ଷା ଅଧିକ ଦୁଇ ପଇସା ଉପାର୍ଜନ କରିପାରିଛନ୍ତି । ସ୍ୱୟଂ ସହାୟକ ଦଳ ସମବାୟକୁ ଫୁଲଝାଡ଼ୁ ବିଡା ଓ ଖୋଲା ଫୁଲଝାଡ଼ୁ ବିକ୍ରି କରୁଥିବା ପ୍ରାଥମିକ ସଂଗ୍ରହକାରୀ ମଧ୍ୟ ଲାଭବାନ ହୋଇପାରୁଛି । ତେଣୁ ସ୍ୱୟଂ ସହାୟକ ଦଳ ବା ସମବାୟ ସମିତିର ଭୂମିକା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି ।

**ସାରଣୀ-୧**

| ଜିଲ୍ଲା | ବ୍ଲକ୍‌ର ନାମ | ସଂଗ୍ରହ ଲକ୍ଷ୍ୟ (ମିଲିୟନ ଟନ୍‌ରେ) |
|---|---|---|
| ମାଲକାନଗିରି | ଖଇରିପୁଟ, କାକିରିଗୁମ୍ମା, ମାଲକାନଗିରି | ୨୦୦ |
| କୋରାପୁଟ | ବନ୍ଧୁଗାଁ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି | ୧୩୦ |
| ରାୟଗଡ଼ା | କାଶୀପୁର, ରାୟଗଡ଼ା, ବିଷମକଟକ | ୧୨୫ |
| କଳାହାଣ୍ଡି | ମଦନପୁର ରାମପୁର, ଲାଞ୍ଜିଗଡ଼, ଭବାନୀପାଟଣା, ଥୁଆମୂଳ ରାମପୁର | ୧୦୦ |
| ନୂଆପଡ଼ା | କୋମ୍‌ନା, ଖରିଆର, ବୋର୍ଡେନ୍, ସିନାପାଲ୍ଲୀ | ୩୦ |
| **ମୋଟ** | | **୫୮୫** |

ଉତ୍ସ : ପଞ୍ଚାୟତିରାଜ ବିଭାଗ, ଓଡ଼ିଶା

### ଫୁଲଝାଡ଼ୁ କ'ଣ ଓ କେଉଁଠାରେ ଦେଖାଯାଏ

ଫୁଲଝାଡ଼ୁ ଗୋଟିଏ ଘାସ ଜାତୀୟ ଉଦ୍ଭିଦ ଯାହାର ବିଜ୍ଞାନ ନାମ ଅରାଣ୍ଡିନେଲା ସିଟୋସା । ଏହି ଉଦ୍ଭିଦକୁ ପାହାଡ଼ ତଳି, ଝରଣା ବା ଜଳାଶୟ ନିକଟରେ ବୁଦା ବୁଦା ଆକାରରେ ଦେଖିବାକୁ ମିଳିଥାଏ । ଏହି ବୁଦାରୁ ବାହାରୁଥିବା କାଠି ଲମ୍ବରେ ପ୍ରାୟ ୭ ଫୁଟ୍ ପର୍ଯ୍ୟନ୍ତ ବଢିଥାଏ । ଶୀତଦିନ ଆସିଲେ ଏହି କାଠିରେ ଥିବା ବୃନ୍ତରୁ ଏକ ପ୍ରକାର ଫୁଲ ବାହାରେ ଯାହା ଝାଡ଼ୁ ତିଆରି କାର୍ଯ୍ୟରେ ଲାଗିଥାଏ । ଏଣୁ ଏହାକୁ ଆମେ ଫୁଲଝାଡ଼ୁ ବୋଲି କହିଥାଉ । ଏହା ଆମ ରାଜ୍ୟର କୋରାପୁଟ, କଳାହାଣ୍ଡି, ମାଲକାନଗିରୀ ଓ ରାୟଗଡ଼ା ଭଳି ଜଙ୍ଗଲ ପ୍ରବଣ ଓ ଆଦିବାସୀ ଅଧ୍ୟୁସିତ ଜିଲ୍ଲାମାନଙ୍କରେ ଦେଖିବାକୁ ମିଳିଥାଏ । ଫୁଲଝାଡ଼ୁ ସାଧାରଣତଃ ଜଙ୍ଗଲ ଅଞ୍ଚଳରେ ଦେଖାଯାଏ ଏବଂ ଅନ୍ୟ କୌଣସିଠାରେ ଏହା କ୍ୱଚିତ ଦେଖାଯାଇଥାଏ ।

### ଅଧିକ ଉତ୍ପାଦନ ହେଉଥିବା ଅଞ୍ଚଳ

ସାରଣୀ-୧ ଅନୁଯାୟୀ ଫୁଲଝାଡ଼ୁ କୋରାପୁଟ, କଳାହାଣ୍ଡି, ମାଲକାନଗିରି ଓ ରାୟଗଡ଼ା ଭଳି ଜିଲ୍ଲାମାନଙ୍କରେ ଉପଲବ୍ଧ ହେଉଥିଲେ ହେଁ ପ୍ରାକୃତିକ କାରଣ, ମାଟି, ଜଳବାୟୁ ଓ ପାଣିପାଗ ଉପରେ ଏହାର ଉତ୍ପାଦନ ନିର୍ଭର କରିଥାଏ । ରାଜ୍ୟର ଅଧିକ ଜଙ୍ଗଲ ଥିବା ଅଞ୍ଚଳରେ ଫୁଲଝାଡ଼ୁ ଦେଖିବାକୁ ମିଳିଥାଏ ।

ନିମ୍ନୋକ୍ତ ସାରଣୀ ଅନୁସାରେ ରାଜ୍ୟରେ ମୋଟ ୫୮୫ ମିଲିୟନ ଟନ୍ ଫୁଲଝାଡ଼ୁ ଉତ୍ପାଦିତ ହେଉଥିବା ବେଳେ କେବଳ ମାଲ୍‌କାନାଗିରି ଜିଲ୍ଲାରେ ସର୍ବୋଚ୍ଚ ୨୦୦ ମିଲିଗ୍ରାମ ଟନ୍ ଉତ୍ପାଦନ ହେଉଥିବାର ଜଣା ପଡୁଛି ।

### ଜଳବାୟୁ ଓ ଫୁଲଝାଡ଼ୁ ଉତ୍ପାଦନ

ଫୁଲଝାଡ଼ୁ ଉତ୍ପାଦନ ମୁଖ୍ୟତଃ ମାଟି, ଜଳବାୟୁ, ବର୍ଷା ଓ ଜଙ୍ଗଲ ଉପରେ ନିର୍ଭର କରିଥାଏ । ତେଣୁ ଯେଉଁ ସ୍ଥାନରେ ଉପରୋକ୍ତ ଉପାଦାନଗୁଡ଼ିକ ଅଧିକ ପରିମାଣରେ ଉପଲବ୍ଧ ହୁଏ, ସେହିଠାରେ ଫୁଲଝାଡ଼ୁ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ । ଫୁଲଝାଡ଼ୁ ଅପେକ୍ଷାକୃତ ଭାବେ ଥଣ୍ଡା ଜଳବାୟୁରେ ଅଧିକ ଭଲ ବଢିପାରେ । ସ୍ଥାନୀୟ ଲୋକ ତଥା ଫୁଲଝାଡ଼ୁ ସଂଗ୍ରହକାରୀମାନଙ୍କ ମତରେ ଯେଉଁ ବର୍ଷ ଅଧିକ ପରିମାଣରେ ବର୍ଷା ହୁଏ, ସେହିବର୍ଷ ଅଧିକ ପରିମାଣର ଫୁଲଝାଡ଼ୁ ମିଳିଥାଏ । କାରଣ ବର୍ଷା ହେବା ଦ୍ୱାରା ମୂଳରୁ ଅଧିକ ପରିମାଣର ପିଲ ବା ଗଜା ବାହାରିଥାଏ ।

ସେହିପରି ଶୀତଦିନ ପୂର୍ବରୁ ବା ଫୁଲ ବାହାରିବାର କିଛି ଦିନ ପୂର୍ବରୁ ଯଦି ଅସରାଏ ଭଲ ବର୍ଷା ହେଲା ତେବେ ଫୁଲ ବଡ଼ ଆକାରରେ ଆସିଥାଏ ଏବଂ ନାଡ଼ ମୋଟା ଓ ଲମ୍ବା ହୋଇଥାଏ ।

## ଫୁଲଝାଡୁର ବିକ୍ରି ଏବଂ ଗ୍ରେଡ

ଫୁଲଝାଡୁକୁ ବିଭିନ୍ନ ଗ୍ରେଡ ଅନୁଯାୟୀ ବିଭକ୍ତ କରାଯାଇଛି ଏବଂ ଗ୍ରେଡ ଅନୁଯାୟୀ ମୂଲ୍ୟ ମଧ୍ୟ ସ୍ଥିର କରାଯାଇଛି । ତେବେ ଏହି ଗ୍ରେଡ ଓ ମୂଲ୍ୟ ସମ୍ପୂର୍ଣ୍ଣଭାବେ ସଂଗ୍ରହ ସମୟ ଓ ପ୍ରକ୍ରିୟାକରଣ ଉପରେ ନିର୍ଭର କରିଥାଏ ।

ନିମ୍ନୋକ୍ତ ସାରଣୀ-୨ କୁ ଜଳବାୟୁ ଅନୁସାରେ ବ୍ୟାଖ୍ୟା କଲେ ଜଣାପଡେ ଯେ ଉନ୍ନତମାନର ଫୁଲଝାଡୁ ଶୀତ ଦିନରେ ହିଁ ମିଳିଥାଏ । ସମୟକ୍ରମେ ଶୀତର ପ୍ରକୋପ କମିବା ଏବଂ ଖରାଦିନ ଆସିବା ଦ୍ୱାରା ଫୁଲଝାଡୁ ପ୍ରଭାବିତ ହୋଇଥାଏ ଏବଂ ତଦ୍‌ନୁଯାୟୀ ଫୁଲଝାଡୁର ଆକର, ରଙ୍ଗ ଓ କ୍ୱାଲିଟିରେ ମଧ୍ୟ ଭିନ୍ନତା ଆସିଥାଏ । ତଦନୁଯାୟୀ ଏହାର ଗ୍ରେଡିଂ କରାଯାଏ ଏବଂ ମୂଲ୍ୟ ସ୍ଥିର କରାଯାଇଥାଏ । ତେବେ ଗ୍ରେଡିଂରେ ପ୍ରକ୍ରିୟାକରଣ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ଫୁଲଝାଡୁର ସଂଗ୍ରହ ସମୟ ଓ ଗ୍ରେଡ ବିଷୟରେ ରାୟଗଡ଼ା ଜିଲ୍ଲା କେ.ସିଂପୁର ବ୍ଲକ୍ ଓ କର୍‌ପା ପଞ୍ଚାୟତର ଟିକିରା ଗାଁର ଫୁଲଝାଡୁ ସଂଗ୍ରହକାରୀମାନେ ଫୁଲଝାଡୁର ସଂଗ୍ରହ ସମୟକୁ ତିନୋଟି ମାସରେ ବିଭକ୍ତ କରିଛନ୍ତି । ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି ।

**ସାରଣୀ -୨**

| ଗ୍ରେଡ | ସଂଗ୍ରହ ମାସ | ମୂଲ୍ୟ (ଟଙ୍କାରେ) |
|---|---|---|
| ୧ | ଡିସେମ୍ବର ମାସ ଶେଷରୁ ଜାନୁୟାରୀ ମାସ ଶେଷ | ୩୦-୩୬ |
| ୨ | ଜାନୁୟାରୀ ମାସ ଶେଷ ଏବଂ ଫେବୃୟାରୀ ପ୍ରଥମ ସପ୍ତାହ | ୨୨-୨୫ |
| ୩ | ଫେବୃୟାରୀ ମାସ ଦ୍ୱିତୀୟ-ତୃତୀୟ ସପ୍ତାହ | ୧୭-୨୦ |
| ୪ | ଫେବୃୟାରୀ ମାସ ଶେଷରୁ ମାର୍ଚ୍ଚ ମାସ ଶେଷ | ୧୩-୧୫ |

ଉତ୍ସ : ଫେବୃୟାରୀ ୨୦୦୮ ମସିହାରେ ବୁର୍‌ଜା ଗ୍ରାମ ପଞ୍ଚାୟତର ସଂଗ୍ରହକାରୀ ଓ ବ୍ୟବସାୟୀଙ୍କ ସହ ଆଲୋଚନା ତଥ୍ୟର ସାରାଂଶ

### *ଡିସେମ୍ବର*

ଶୀତୁଆ ପାଗ, କୋମଳ ଖରା ଓ ମାଟିର ଆର୍ଦ୍ରତା କାରଣରୁ ଫୁଲଝାଡୁ ଅଧିକ ଲମ୍ବ, ଅଧିକ ସବୁଜ ରଙ୍ଗର ଓ ଗୋଛାଳିଆ ହୋଇଥାଏ । ଏହି ସମୟରେ ଗଛ ଅଧିକ ସୁସ୍ଥ ଓ ସତେଜ ରହିଥାଏ ।

### *ଜାନୁୟାରୀ*

ଜାନୁୟାରୀ ମାସରେ ଡ଼ିସେମ୍ବର ମାସ ଅପେକ୍ଷା ସାମାନ୍ୟ ଅଧିକ ଖରା ହୋଇଥାଏ ଓ ମାଟିର ଆର୍ଦ୍ରତା କମିଥାଏ । ଏହାର ପ୍ରଭାବ ଫୁଲଝାଡୁ ଉପରେ ପଡିଥାଏ ।

### *ଫେବୃୟାରୀ-ମାର୍ଚ୍ଚ*

ଜାନୁୟାରୀ ଓ ଫେବୃୟାରୀ ମାସରେ ଜଳବାୟୁଗତ ଭିନ୍ନତା ପରିଲକ୍ଷିତ ହେଉଥିଲେ ମଧ୍ୟ ଏହାର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଫୁଲଝାଡୁ ଉପରେ ପଡ଼ି ପାରିନଥାଏ । ତେଣୁ ଜାନୁୟାରୀ ଓ ଫେବୃୟାରୀ ମାସରେ ସଗୃହିତ ହୋଇଥାଏ । ଫୁଲଝାଡୁର ଗ୍ରେଡ ପାଖାପାଖି ଏକା ରହିଥାଏ । ତେବେ ମାର୍ଚ୍ଚ ମାସ ଶେଷ ଭାଗରେ ସଂଗ୍ରହ କରାଯାଉଥିବା ଫୁଲଝାଡୁରେ ଫୁଲ ଫୁଟିବା ଆରମ୍ଭ କରିବା ସହିତ ରଙ୍ଗ ବାଦାମୀ ହେବା ଆରମ୍ଭ କରିଥାଏ । ତେଣୁ ଏହା ସବୁଠାରୁ ନିମ୍ନ ଗ୍ରେଡର ଝାଡୁ ଭାବେ ପରିଗଣିତ ହୋଇଥାଏ ।

### ସଂଗ୍ରହ

ବର୍ଷର ଶେଷ ମାସ ବା ଡ଼ିସେମ୍ବର ମାସ ବେଳକୁ ଫୁଲଝାଡୁ ସଂଗ୍ରହ ଆରମ୍ଭ ହୋଇଯାଇଥାଏ । ଏହି ସଂଗ୍ରହ କାର୍ଯ୍ୟ ଫେବୃୟାରୀ ମାସର ଶେଷ ଓ ସ୍ଥାନ ବିଶେଷରେ ମାର୍ଚ୍ଚ ମାସର ଶେଷ ଭାଗ ପର୍ଯ୍ୟନ୍ତ ଚାଲୁ ରହିଥାଏ । ସଂଗ୍ରହ କରିବା ଲାଗି ଆଦିବାସୀ ଗାଁଗୁଡ଼ିକର ପୁରୁଷ ଓ ମହିଳାମାନେ ଜଙ୍ଗଲ ଭିତରକୁ ଚାଲି ଚାଲି ଯାଇଥାନ୍ତି । ଏଥିଲାଗି ସେମାନଙ୍କୁ ଦୈନିକ ୧୫ ରୁ ୨୦ କିଲୋମିଟର ବାଟ ଯିବାକୁ ପଡ଼ିଥାଏ । ସେମାନେ ଜଙ୍ଗଲ ମଧ୍ୟକୁ ସଂଗ୍ରହ କରିବାକୁ ଗଲାବେଳେ ନିଜ ସହିତ ଖାଇବାକୁ ନେଇ ଯାଇଥାନ୍ତି । ଫୁଲଝାଡୁ ସାଧାରଣତଃ ପାହାଡ଼ ଖୋଲ, ପାହାଡ଼ ତଳି ଏବଂ ଝରଣା ଭଳି ଜଳ ପ୍ରବାହିତ ସ୍ଥାନରେ ଉପଲବ୍ଧ ହେଉଥିବାରୁ ସଂଗ୍ରହକାରୀଙ୍କୁ ଉକ୍ତ ସ୍ଥାନକୁ ସଂଗ୍ରହ ଲାଗି ଯିବାକୁ ପଡ଼ିଥାଏ । ତେବେ ଖୋଲ ଓ ଝରଣା ନିକଟରୁ ଫୁଲଝାଡୁ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ ବୋଲି ସଂଗ୍ରହକାରୀମାନେ କହିଥାନ୍ତି । ସେଠାରୁ ତୋଳିବା ସମୟରେ ସାପ କାମୁଡ଼ିବା ଏବଂ ଗୋଡ଼ ଖସି ପଡ଼ିଯିବାର ଭୟ ରହିଥାଏ ବୋଲି ମଧ୍ୟ ସଂଗ୍ରହକାରୀମାନେ କହିଥାନ୍ତି । ସେମାନେ ଗୋଟିଏ ସ୍ଥାନରୁ ସଂଗ୍ରହ କରି ସାରିଲା ପରେ ଅନ୍ୟ ସ୍ଥାନକୁ ଅଧିକ ସଂଗ୍ରହ ଉଦ୍ଦେଶ୍ୟରେ ଯାଇଥାନ୍ତି । ତେବେ ସଂଗ୍ରହ କରିବା କ୍ଷେତ୍ରରେ ମହିଳାମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି । ସେମାନେ ସକାଳୁ ସଂଗ୍ରହ କରିବାକୁ ଯାଇ ଦିନ ୪ ଟାରେ ଘରକୁ ବୋଝଟିଏ ଧରି ଫେରି ଆସିଥାନ୍ତି । ଗୋଟିଏ ମହିଳା ସଂଗ୍ରହକାରୀ



ବୁଦା ଭିତରେ ଫୁଲଝାଡୁର ପୂର୍ଣ୍ଣାଙ୍ଗ ଚଅଁର

ଦିନକୁ ପ୍ରାୟ ୧୫ କିଲୋଗ୍ରାମ କଞ୍ଚା ଫୁଲଝାଡୁ ସଂଗ୍ରହ କରିପାରିଥାଏ । ଯାହା ଶୁଖିଗଲା ପରେ ୭ ରୁ ୮ କିଲୋଗ୍ରାମ ମଧ୍ୟରେ ସୀମିତ ରହିଥାଏ । ତେବେ ପୁରୁଷମାନେ ମଧ୍ୟ ଫୁଲଝାଡୁ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥାନ୍ତି । ପୁରୁଷ ସଂଗ୍ରହକାରୀଟିଏ ମହିଳା ସଂଗ୍ରହକାରୀଠାରୁ ଦୁଇଗୁଣା ଅର୍ଥାତ୍ ପ୍ରାୟ ୩୦ କିଲୋଗ୍ରାମ କଞ୍ଚା ଫୁଲଝାଡୁ ସଂଗ୍ରହ କରି ଆଣିଥାଏ ; କିନ୍ତୁ ସଂଗ୍ରହ କରିବା କ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ଯତ୍ନବାନ ହୋଇଥାନ୍ତି । ମହିଳାମାନେ କେବଳ ସଂଗ୍ରହ ପାଇଁ ଉପଯୁକ୍ତ ହୋଇଥିବା ଫୁଲଝାଡୁକୁ ସଂଗ୍ରହ କରିଥାନ୍ତି କିନ୍ତୁ ପୁରୁଷମାନେ ଉଭୟ ଅର୍ଥାତ୍ ସଂଗ୍ରହ ପାଇଁ ଉପଯୁକ୍ତ ଏବଂ ଅପରିପକ୍ୱ/ଅନୁପଯୁକ୍ତ ଫୁଲଝାଡୁକୁ ମଧ୍ୟ ସଂଗ୍ରହ କରି ଆଣିଥାନ୍ତି । ଯାହା ଫଳରେ କିଛି ଦିନ ଅନ୍ତରାଳରେ ସେହି ବୁଦାରୁ ପୁଣିଥରେ ଫୁଲଝାଡୁ ସଂଗ୍ରହ କରିବା ସମ୍ଭବ ହୋଇପାରିନଥାଏ ।

## ପାରମ୍ପରିକ ସୀମା

ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଅଦିବାସୀମାନଙ୍କ ମଧ୍ୟରେ ସେମାନଙ୍କର ଜୀବନଜୀବିକା ଲାଗି ପାରମ୍ପରିକ ଭାବେ ଗାଁ ନିକଟବର୍ତ୍ତୀ ପାହାଡ଼, ଜମି, ଗଛ, ଆଦିର ସୀମା ବଣ୍ଟନ କରି ଦିଆଯାଇଛି । ଆଦିବାସୀମାନେ ନିଜର ସଂଗ୍ରହ ଲାଗି ଉଦ୍ଦିଷ୍ଟ ଥିବା ଅଞ୍ଚଳ ବା ଜଙ୍ଗଲରୁ ମିଳୁଥିବା ବନଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ସେହି ସୀମା ମଧ୍ୟରେ ଫୁଲଝାଡୁ ବୁଦାଗୁଡ଼ିକ ମଧ୍ୟ ଆସିଥାଏ । ସେହିଠାରୁ ସେମାନେ ଫୁଲଝାଡୁ ସଂଗ୍ରହ କରିଥାନ୍ତି । ନିଜ ସୀମା ବାହାରକୁ ଯାଇ ସେମାନେ ଅନ୍ୟ ପାହାଡ଼ରୁ ମଧ୍ୟ ଫୁଲଝାଡୁ ସଂଗ୍ରହ କରିଥାନ୍ତି । ତେବେ ନିଜ ସୀମା ବାଦ୍ ଅନ୍ୟ ସୀମାରୁ ଫୁଲଝାଡୁ ବା ଅନ୍ୟ କୌଣସି ବନଜାତ ଦ୍ରବ୍ୟ ସଂଗ୍ରହ କଲେ ପରସ୍ପର ମଧ୍ୟରେ ବଚସା ଓ ପାଟିତୁଣ୍ଡ ହୋଇଥାଏ । ତେବେ ଏହା କମ୍ ଦେଖିବାକୁ ମିଳିଥାଏ ଏବଂ ଆଦିବାସୀମାନେ ଦୂର ଦୂରରୁ ଫୁଲଝାଡୁ ସଂଗ୍ରହ କରି ଆଣିଥାନ୍ତି ।

## ଅଧିକ ସଂଗ୍ରହ ଲାଗି ପାରମ୍ପରିକ ଜ୍ଞାନର ପ୍ରୟୋଗ

ଆଦିବାସୀମାନେ ପ୍ରାକୃତିକ ସମ୍ବଳ ପରିଚାଳନା ଲାଗି ବର୍ତ୍ତମାନ ସୁଦ୍ଧା ନିଜସ୍ୱ ଜ୍ଞାନ କୌଶଳର ପ୍ରୟୋଗ କରିଆସୁଛନ୍ତି, ଯାହାକୁ ପାରମ୍ପରିକ ଜ୍ଞାନ ବୋଲି କୁହାଯାଇଥାଏ । ବିଭିନ୍ନ ବନଜାତ ଦ୍ରବ୍ୟ ଅମଳ କରିବା, ତାହାକୁ ପ୍ରକ୍ରିୟାକରଣ କରିବା ଏବଂ ସାଇତି ରଖିବା ଲାଗି ସେମାନେ ନିଜସ୍ୱ କୌଶଳ ଅବଲମ୍ବନ କରିଥାନ୍ତି । ସେହିଭଳି ଗଛରୁ ଅଧିକ ଅମଳ ପାଇବା ଲାଗି ସେମାନେ ନାନା ପ୍ରକାର କୌଶଳ ଅବଲମ୍ବନ କରିଥାନ୍ତି । ଫୁଲଝାଡୁ ସଂଗ୍ରହ କ୍ଷେତ୍ରରେ ମଧ୍ୟ ଏହା ବ୍ୟବହୃତ ହୋଇଥାଏ । ଆସନ୍ତା ବର୍ଷରେ ଅଧିକ ଅମଳ କରିବା ଲାଗି ଆଦିବାସୀମାନେ ଫୁଲଝାଡୁ ବୁଦାରେ ନିଆଁ ଲଗାଇଥାନ୍ତି । ଅବଶ୍ୟ ଏହି ନିଆଁ ଲଗାଇବା କାର୍ଯ୍ୟ ସଂଗ୍ରହ ସରିବା ପରେହିଁ କରାଯାଇଥାଏ । ସଂଗ୍ରହକାରୀଙ୍କ ମତରେ ନିଆଁ ଲଗାଇବା ଦ୍ୱାରା ବୁଦାର କୌଣସି କ୍ଷତି ହୋଇନଥାଏ ଏବଂ ଆସନ୍ତା ବର୍ଷକୁ ଅଧିକ ପିଲ ବାହାରି ଅଧିକ ଝାଡୁ ଅମଳ ହୋଇଥାଏ । ତେଣୁ ସେମାନେ ପ୍ରତ୍ୟେକ ବର୍ଷ ସଂଗ୍ରହ ସରିଲା ପରେ ବୁଦାଗୁଡ଼ିକରେ ନିଆଁ ଲଗାଇ ଦେଇଥାନ୍ତି । ତେବେ ଏହାଦ୍ୱାରା ଭଲ ଓ ଅଧିକ ଫୁଲଝାଡୁ ମିଳୁଥିଲେ ମଧ୍ୟ ଜଙ୍ଗଲ ଅନେକ ପରିମାଣରେ ପୋଡ଼ି ଯାଇଥାଏ । ତଥାପି ଅନେକ ନିଆ ଲଗାଇବା ସମୟରେ ଉକ୍ତ ସ୍ଥାନରେ ଛିଡ଼ା ରହି ପରେ ନିଆଁ ଲିଭାଇ ଦେଇଥାନ୍ତି ।

## ଫୁଲଝାଡୁରେ ପୋକ ସଂକ୍ରମଣ

ଅନ୍ୟାନ୍ୟ ବୃକ୍ଷଗୁଡ଼ିକ ଭଳି ଫୁଲଝାଡୁ ଗଛକୁ ମଧ୍ୟ କୀଟ ଆକ୍ରମଣ କରିଥାନ୍ତି । ଏହି କୀଟଗୁଡ଼ିକ ଫୁଲଝାଡୁ ବୁଦାର ମୂଳରେ ରହି ନୂଆ ବାହାରୁଥିବା ଗଜାଗୁଡ଼ିକୁ ସଂକ୍ରମିତ କରି ନଷ୍ଟ କରି ଦେଇଥାନ୍ତି । ଏହା ସହିତ କାଣ୍ଡଗୁଡ଼ିକୁ ମଧ୍ୟ ଭିତରୁ ଖାଇ ଦେଇଥାନ୍ତି । ଫଳରେ ଉନ୍ନତମାନର ଫୁଲଝାଡୁ ସଂଗ୍ରହ ହୋଇପାରିନଥାଏ । କେତେକ କ୍ଷେତ୍ରରେ କୀଟ ସଂକ୍ରମଣ ଦ୍ୱାରା ଫୁଲଝାଡୁ ବୁଦାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥାଏ । ଏଣୁ ସଂଗ୍ରହକାରୀ ବୁଦାରେ ନିଆଁ ଲଗାଇ ଉକ୍ତ କୀଟକୁ ମାରିବାର ପ୍ରୟାସ କରିଥାନ୍ତି ବୋଲି ମଧ୍ୟ ଅନୁମାନ କରାଯାଇପାରେ ।

## ପ୍ରକ୍ରିୟାକରଣ

ଫୁଲଝାଡୁର କଷ୍ଟପୂର୍ଣ୍ଣ ସଂଗ୍ରହ ପରେ ଆସେ ପ୍ରକ୍ରିୟାକରଣ । ପ୍ରକ୍ରିୟାରକରଣରେ ଝାଡୁକୁ ଶୁଖାଇବା, ପତ୍ର, ଖେପା ଛଡେଇବା ଓ ଆକାର ଦେବା ଆଦି କାର୍ଯ୍ୟ କରାଯାଇଥାଏ । ଏହି ପ୍ରକ୍ରିୟାକରଣ କାର୍ଯ୍ୟ ସଠିକ୍ ଭାବେ କରାଯାଇ ନପାରିଲେ ସଂଗ୍ରହର ସମସ୍ତ ମୂଲ୍ୟ ନଷ୍ଟ ହୋଇଯାଇଥାଏ । କାରଣ ବଜାରରେ ଫୁଲଝାଡୁ ଉଚିତ୍ ଦରରେ ବିକ୍ରି ହୋଇପାରେ ନାହିଁ । ଫୁଲଝାଡୁକୁ ଗୋଟିଏ ପ୍ରାଥମିକ ସଂଗ୍ରହକାରୀ ଶୁଖାଇବା ଲାଗି ନିଜର ଘରର ଛାଳ, କାଠ ଗଦା ଓ ମାଟି ଅଗଣାର ବ୍ୟବହାର କରିଥାଏ । ଗୋଟିଏ ଫୁଲଝାଡୁ କାଠି ଭଲ ଭାବେ ଶୁଖିବା ଲାଗି ପ୍ରାୟ



ପ୍ରକ୍ରିୟାକରଣର ପ୍ରାଥମିକ ଅବସ୍ଥା : ଖରାରେ ଶୁଖୁଛି ଫୁଲଝାଡୁ

## ଆଦିବାସୀ ପରମ୍ପରା : ଝାଙ୍କର ପୂଜା

ଆଦିବାସୀ ଅଞ୍ଚଳରେ ପ୍ରାୟତଃ ବନଜାତ ଦ୍ରବ୍ୟ ସଂଗ୍ରହ ସମୟ ବା ସଂଗ୍ରହ ପୂର୍ବରୁ କେତେକ ପର୍ବପର୍ବାଣୀ ଆସିଥାଏ । ନୟାଗଡ଼ ଜିଲ୍ଲାରେ ଶିଆଳୀ ପତ୍ର ସଂଗ୍ରହ ଲାଗି "ଶିଆଳୀ ପରବ" ପାଳନ ହେଉଥିବାବେଳେ ରାୟଗଡ଼ା ଜିଲ୍ଲାର କେ.ସିଂପୁର ବ୍ଲକ୍‌ର ବୁର୍‌ଜା ପଞ୍ଚାୟତରେ ପ୍ରାଥମିକ ସଂଗ୍ରହକାରୀମାନେ ଫୁଲଝାଡୁ ସଂଗ୍ରହ ପୂର୍ବରୁ "ଝାଙ୍କର ପୂଜା" ନାମକ ଏକ ପୂଜା କରିଥାନ୍ତି । ଏହି ପୂଜା ଡ଼ିସେମ୍ବର ମାସର ଦ୍ୱିତୀୟ/ତୃତୀୟ ସପ୍ତାହରେ ପଡ଼ିଥାଏ । ଏହି ପୂଜାଦିନ ସଂଗ୍ରହକାରୀମାନେ କୌଣସି ଏକ ଫୁଲଝାଡୁ ବୁଦା ନିକଟକୁ ଯାଇ ପୂଜା କରିଥାନ୍ତି ଏବଂ ଅଧିକ ସଂଗ୍ରହ କରିବା ଲାଗି ପ୍ରାର୍ଥନା କରିଥାନ୍ତି । ଏହିଦିନ ପରଠାରୁ ଫୁଲଝାଡୁ ସଂଗ୍ରହ କରାଯିବା ଆରମ୍ଭ ହୋଇଥାଏ । ପୂଜା ପୂର୍ବରୁ ସଂଗ୍ରହ କଲେ ପହାଡ଼ରୁ ପଡ଼ିଯିବା, ସାପ କାମୁଡ଼ିବା, ଭାଲୁ ଓ ବନ୍ୟଜନ୍ତୁ ଆକ୍ରମଣର ଭୟ ଥାଏ ବୋଲି ଗ୍ରାମବାସୀମାନେ କହିଥାନ୍ତି । ତେବେ ପୂଜା ପରେ ସଂଗ୍ରହ କଲେ ଏ କୌଣସି ଭୟ ନ ଥାଏ ବୋଲି ସେମାନଙ୍କର ବିଶ୍ୱାସ ।

୪ ଦିନ ସମୟ ନେଇଥାଏ । ତେବେ କେତେକ କ୍ଷେତ୍ରରେ ଆଦିବାସୀମାନେ ସଠିକ୍ ଭାବେ ଏହାକୁ ଶୁଖାଇନଥାନ୍ତି । ଫଳରେ ଏହାର ରଙ୍ଗ ଖରାପ ହୋଇଥାଏ, ଏପରିକି ଫିମ୍ପି ମଧ୍ୟ ମାରିଥାଏ । ସେହିଭଳି ରାତିରେ କାକର ଖାଇବା ଦ୍ୱାରା ଏହାର ରଙ୍ଗ ସବୁଜରୁ କଳା ପଡ଼ିବା ଆରମ୍ଭ କରିଥାଏ । ଫୁଲଝାଡୁର ମୁଖ୍ୟ ଆକର୍ଷଣ ହେଲା ରଙ୍ଗ । ତେଣୁ ଏହି ରଙ୍ଗକୁ ବଜାୟ ରଖିବା ଲାଗି ତାହାକୁ ଗଛ ଛାଇରେ ବା କଅଁଳ ଖରାରେ ଶୁଖାଇବା ଜରୁରୀ । ସେହିପରି ଶୁଖାଇ ସାରିଲା ପରେ କାଠିରେ ଥିବା ଚ୍ଛେପା ବା ବର୍ଜ୍ୟବସ୍ତୁକୁ ବାହାର କରିଦେବା ଉଚିତ୍ । ଫଳରେ ଏହାର ମୂଲ୍ୟ ବୃଦ୍ଧି ହେବା ସହ ପ୍ରାଥମିକ ସଂଗ୍ରହକାରୀଙ୍କୁ ଅଧିକ ଦୁଇ ପଇସା ଦେଇପାରିବ ।

### ମୂଲ୍ୟଯୋଗ

ଫୁଲଝାଡୁର ସଂଗ୍ରହ ଓ ପ୍ରକ୍ରିୟାକରଣ ପରେ ଆସେ ମୂଲ୍ୟଯୋଗ; ଯାହାଦ୍ୱାରା ଫୁଲଝାଡୁ ବଜାରରେ ବିକ୍ରି କରିବା ଲାଗି ପ୍ରସ୍ତୁତ ହୋଇଥାଏ । ପ୍ରକ୍ରିୟାକରଣ ପରେ ମୂଲ୍ୟଯୋଗ କରିବା ବା ମୁଠା ବାନ୍ଧିବା ଆଦି କାର୍ଯ୍ୟ କରାଯାଇଥାଏ । ଆଦିବାସୀ ଅଞ୍ଚଳରେ ସଂଗ୍ରହକାରୀଟିଏ ଶିଆଳୀ ଲଟାରେ ମୁଠା ବାନ୍ଧୁଥିଲାବେଳେ ପ୍ଲାଷ୍ଟିକ୍ ଫିତା, ଲୁହା ତାର ଏବଂ ପ୍ଲାଷ୍ଟିକ୍ ନଳୀ ଦ୍ୱାରା ମଧ୍ୟ ଫୁଲଝାଡୁ ବିଡ଼ା ବନ୍ଧା ଯାଇଥାଏ ।

### ଶିଆଳୀ ଓ ଫୁଲଝାଡୁ

ବହୁ ବର୍ଷ ତଳୁ ଶିଆଳୀ ଓ ଫୁଲଝାଡୁର ସମ୍ପର୍କ ରହି ଆସିଛି । କାରଣ ମୁଠା ବାନ୍ଧିବା ଲାଗି ଶିଆଳୀ ଲଇରୁ ଛାଲି ଆଣି ସେଥିରୁ ପଟ ତିଆରି କରି ଝାଡୁ କାଠିକୁ କାଠିରେ ଛନ୍ଦି ମୁଠା ବନ୍ଧା ଯାଇଥାଏ । ଏହି ମୁଠା ବନ୍ଧା କାର୍ଯ୍ୟ ବହୁ ବର୍ଷ ତଳୁ ଚ୍ଛଲି ଆସିଛି ଏବଂ ବର୍ତ୍ତମାନ ମଧ୍ୟ ଚ୍ଛଲିଛି । ତେବେ ଶିଆଳୀ ଲଇର ବ୍ୟବହାରରେ ବର୍ତ୍ତମାନ ପରିବର୍ତ୍ତନ ଆସିଛି । ଲୋକେ ଝାଡୁକୁ ସୁନ୍ଦର



ଫୁଲଝାଡୁ ଶୁଖିଲା : ଏବେ ଝାଡୁ ବନ୍ଧା ପାଇଁ ପ୍ରସ୍ତୁତିକରଣ

ଦେଖାଯିବା ଲାଗି ରଙ୍ଗବେରଙ୍ଗ ପ୍ଲାଷ୍ଟିକ ଫିତା ଏବଂ ବନ୍ଦେଇ ଟାଣ ହେବା ଲାଗି ଲୁହାତାରର ବ୍ୟବହାର କରୁଛନ୍ତି । ସେହିଭଳି ବର୍ତ୍ତମାନର ବଜାରରେ ଆଦର ପାଇଥିବା ପ୍ଲାଷ୍ଟିକ୍ ଖୋଳର ଝାଡୁ ମଧ୍ୟ ବହୁଳ ଭାବରେ ପ୍ରସ୍ତୁତ କରାଯାଉଛି । ବନ୍ଧାଳୀମାନେ ମଧ୍ୟ କ୍ରମେ ଏହି ପ୍ରକ୍ରିୟାକୁ ଆପଣେଇବା ଆରମ୍ଭ କରିଛନ୍ତି । ତେବେ ଶିଆଳୀ ଲଇର ବ୍ୟବହାର ବର୍ତ୍ତମାନ ଚ୍ଛଲୁ ରହିଛି ଏବଂ ରହିବ ମଧ୍ୟ ।

### ସଂଗ୍ରହକାରୀଙ୍କ ଆୟ

ଗୋଟିଏ ପ୍ରାଥମିକ ସଂଗ୍ରହକାରୀ ଦିନକୁ ପ୍ରାୟ ୧୫ କିଲୋଗ୍ରାମ କଞ୍ଚା ଫୁଲଝାଡୁ ସଂଗ୍ରହ କରିଥାଏ । ଯାହା ଶୁଖିଗଲେ ୭ ରୁ ୮ କିଲୋଗ୍ରାମରେ ସୀମିତ ହୋଇଥାଏ । ଏହି ସଂଗ୍ରହ କାର୍ଯ୍ୟ ୩ ମାସ ପର୍ଯ୍ୟନ୍ତ ଚ୍ଛଲିଥାଏ । ତେବେ ସବୁଦିନ ଗୋଟିଏ ସଂଗ୍ରହକାରୀ ଫୁଲଝାଡୁ ସଂଗ୍ରହ କରିବା ଲାଗି

> ୨୦ ଦିନ × ୩ ମାସ = ୬୦ ଦିନ
> ୬୦ ଦିନ × ୭ କିଲୋଗ୍ରାମ ଫୁଲଝାଡୁ (ପ୍ରକ୍ରିୟାକରଣ)= ୪୨୦ କିଲୋଗ୍ରାମ
> ୪୨୦ କିଲୋଗ୍ରାମ × ୧୩ ଟଙ୍କା (ଫୁଲଝାଡୁ କିଲୋଗ୍ରାମ ପ୍ରତି)= ୫୪୬୦

ଜଙ୍ଗଲକୁ ଯାଇନଥାଏ । ଏହି ସମୟ ମଧ୍ୟରେ ସଂଗ୍ରହ କରିଥିବା ଫୁଲଝାଡୁକୁ ପ୍ରକ୍ରିୟାକରଣ କରିଥାଏ । ପୂର୍ବରୁ ତୋଳିଥିବା ବୁଦାରେ ଛାଡିଥିବା ଫୁଲଝାଡୁ ପୁଣିଥରେ ପାକଳ ବା ତୋଳିବା ଅବସ୍ଥାକୁ ଆସିବା ସମୟକୁ ଅନୁମାନ କରି ସେ ସଂଗ୍ରହ ଲାଗି ଜଙ୍ଗଲକୁ ଯାଇଥାଏ । ତେବେ ସଂଗ୍ରହକୁ ଯିବା ସମ୍ପୂର୍ଣ୍ଣ ଭାବେ ଫୁଲଝାଡୁ ବୁଦାର ସଂଖ୍ୟା ଏବଂ ଉପଲବ୍ଧତା ଉପରେ ନିର୍ଭର କରିଥାଏ । ଏହି ଅନୁଯାୟୀ ବିଚ୍ଛର କଲେ

ଗୋଟିଏ ସଂଗ୍ରହକାରୀ ମାସକୁ ୨୦ ଦିନ ପର୍ଯ୍ୟନ୍ତ ସଂଗ୍ରହ ଲାଗିଥାଏ ଏବଂ ୧୦ ଦିନ ଶୁଖାଇବା ଗ୍ରେପା ଛଡାଇବା ଆଦି କାର୍ଯ୍ୟ କରିଥାଏ । ତେଣୁ ସେ ୩ ମାସରେ ୬୦ ଦିନ ସଂଗ୍ରହ କରିଥାଏ । ଏହି ହିସାବ ଅନୁସାରେ ଜଣେ ସଂଗ୍ରହକାରୀ ୩ ମାସକୁ ୫୦୦୦ ଟଙ୍କାରୁ ଅଧିକ ଟଙ୍କା ରୋଜଗାର କରିପାରିଥାଏ । ଗୋଟିଏ କିଲୋଗ୍ରାମ ଖୋଲା ଫୁଲଝାଡୁରୁ ପ୍ରାୟ ୩ଟି ମୁଠା ଝାଡୁ ପ୍ରସ୍ତୁତ ହୋଇପାରେ । ପ୍ରତ୍ୟେକ ମୁଠା ଝାଡୁର ମୂଲ୍ୟ ବଜାରରେ ୧୫ ଟଙ୍କାରେ ସାଧାରଣ ଭାବେ ବିକ୍ରି କରାଯାଉଛି । ତେଣୁ ଗୋଟିଏ ପ୍ରାଥମିକ ସଂଗ୍ରହକାରୀ ଯଦି ମୁଠାବାନ୍ଧି ବିକ୍ରି କରିବ ତେବେ ସେ ଅଧିକ ଦୁଇ ପଇସା ରୋଜଗାର କରିପାରିବ । ଜଣେ ଝାଡୁ ବନ୍ଧାଳୀଙ୍କ ମତରେ ଗୋଟିଏ ଫୁଲଝାଡୁ ମୁଠା ବାନ୍ଧିବା ଲାଗି ୧୫ ରୁ ୨୦ ମିନିଟ୍ ସମୟ ଲାଗିଥାଏ । ଏଥିଲାଗି ପ୍ଲାଷ୍ଟିକ୍ ଫିତା ୩ ଟଙ୍କା ଏବଂ ପାରିଶ୍ରମିକ ମିଶି ୧୨ ଟଙ୍କା ରହିଥାଏ । ତେବେ ମୋଟାମୋଟି ଭାବେ ବିଡା ୧୫ ଟଙ୍କା ଲେଖା ବଜାରରେ ବିକ୍ରି ହୋଇଥାଏ ।

**ସ୍ୱୟଂ ସହାୟକ ଦଳ**

ସାରା ରାଜ୍ୟରେ ସ୍ୱୟଂ ସହାୟକ ଦଳ ଏବଂ ସମବାୟ ସମିତି ମାନ ଗଢି ଉଠିଛି । ଏହା ସହିତ ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ ତଥା ବିକ୍ରିବଟା କରିବା ଲାଗି ସ୍ୱୟଂ ସହାୟକ ଦଳର ମହିଳାମାନେ ଆଗେଇ ଆସିଛନ୍ତି । ଫଳରେ ବନଜାତ ଦ୍ରବ୍ୟର ବ୍ୟବସାୟ ପୂର୍ବାପେକ୍ଷା ସୁରୁଖୁରୁରେ ଚାଲିଛି । ଏହି ଗୋଷ୍ଠୀଗୁଡ଼ିକ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସହିତ ଫୁଲଝାଡୁର ମଧ୍ୟ ବ୍ୟବସାୟ କରୁଛନ୍ତି । ତେବେ କେତେ

### ଖଜୁରୀ ମହିଳା ମଣ୍ଡଳ : ଏକ ସଫଳ କାହାଣୀ

ଗାଁଟିର ନାମ ଖଜୁରୀ । ଖଜୁରୀ ନାମକରଣ ହେବାର କାରଣ ଏହି ଗାଁରେ ବହୁତ ପରିମାଣରେ ଖଜୁରୀ ଗଛ ଦେଖାଯାଏ । ଗାଁକୁ ଲାଗି ବହିଯାଇଛି ଚାଟିକଣା ଜଳପ୍ରପାତ । ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଏହି ଗାଁରେ ୭୩ଟି ପରିବାର ବାସ କରି ଆସୁଛନ୍ତି, ଯେଉଁଥିରୁ ୫୩ ଜଣ ଡଙ୍ଗରିଆ କନ୍ଧ ଏବଂ ୨୦ଟି ପରିବାର ଅନୁସୂଚୀତ ଜନଜାତି ବର୍ଗର ଅଟନ୍ତି । ଗାଁର ମୋଟ ଜନ ସଂଖ୍ୟା ୩୭୦ରୁ ବେଶୀ । ଡଙ୍ଗରିଆ କନ୍ଧ ଜାତିର ହୋଇଥିବାରୁ ସେମାନେ କୁଇ ଭାଷାରେ କଥା ହୁଅନ୍ତି । ସେମାନ ନିଜର ଜୀବନଜୀବିକା ତଥା ଅର୍ଥ ଉପାର୍ଜନ କରିବା ଲାଗି ଚାଷ କରିବା ସହିତ ଜଙ୍ଗଲରୁ କିଛି ବନଜାତ ଦ୍ରବ୍ୟ ଆଣନ୍ତି । ତେବେ ପୂର୍ବରୁ ସେମାନଙ୍କର ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୋଗ ବିଷୟରେ ଖୁବ୍ କମ ଧାରଣା ଥିଲା । ତେଣୁ ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଉନଥିଲେ । କେବେ କୌଣସି ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ, ତାହାକୁ ଯିଏ ଯେତିକି ଦରରେ ମାଗିଲେ ସେତିକି ଦରରେ ଦେଇ ଦେଉଥିଲେ । ଖଜୁରୀଗାଁକୁ ଲାଗି ଏକ ଘଞ୍ଚ ଜଙ୍ଗଲ ଥିଲା । ସେହି ଜଙ୍ଗଲରେ ହରିଡ଼ା, ବାହାଡ଼ା, ଅଁଳା ସହିତ ଫୁଲଝାଡୁ ଓ ଶିଆଳୀ ପତ୍ର ପ୍ରଚୁର ମାତ୍ରାରେ ମିଳୁଥିଲା । କିନ୍ତୁ ସେମାନେ ନିଜ ଜଙ୍ଗଲରେ ଥିବା ଲକ୍ଷ ଲକ୍ଷ ଟଙ୍କାର ବନଜାତ ଦ୍ରବ୍ୟକୁ ବ୍ୟବହାର କରିବା ଜାଣିନଥିଲେ । ତେଣୁ ସେମାନେ ପଇସା ପାଇବା ଲାଗି ଗାଁ ସାହୁକାର ଉପରେ ନିର୍ଭର କରୁଥିଲେ । ସାହୁକାର ପାଖରେ ତାଙ୍କର ମହୁଲ ତେନ୍ତୁଳି ଗଛ ଓ ମଇଁଷିକୁ ବନ୍ଧା ଦେଉଥିଲେ । ପୁରୁଷ ଓ ସ୍ତ୍ରୀମାନେ ଦିନ ମଜୁରିଆ ଭାବେ କାମ କରୁଥିଲେ ମଧ୍ୟ ସଠିକ୍ ମଜୁରୀ ପାଉନଥିଲେ । ସେମାନଙ୍କୁ ଶୋଷଣ କରାଯାଉଥିଲା ।

ଏହାକୁ ଡଙ୍ଗରିଆ କନ୍ଧ ଡେଭଲପମେଣ୍ଟ ଏଜେନ୍ସି (ଡି.କେଡି.ଏ) ଲକ୍ଷ କରିଥିଲା ଏବଂ ସେମାନଙ୍କର ଉନ୍ନତି ଲାଗି ଚେଷ୍ଟା କରିଥିଲା । ଗ୍ରାମବାସୀଙ୍କର ଉନ୍ନତି ଲାଗି ଖଜୁରୀ ଗ୍ରାମରେ ୧୫ ଜଣ ମହିଳାଙ୍କୁ ନେଇ ଏକ ମହିଳା ମଣ୍ଡଳ ଗଠନ କରାଯାଇଥିଲା । ଉକ୍ତ ମହିଳା ମଣ୍ଡଳର ନାମ 'ଖଜୁରୀ ମହିଳା ମଣ୍ଡଳ' ବୋଲି ରଖାଯାଇଥିଲା । ୱାକାଡା କାମରେଡି ଏହି ମଣ୍ଡଳର ସଭାପତି ଥିଲେ ଏବଂ ସିକ୍କା ତେଲାଡି ସମ୍ପାଦକ ଥିଲେ । ଏହି ମଣ୍ଡଳର ପ୍ରତ୍ୟେକ ସଭ୍ୟା ମାସକୁ ୨୦ ଟଙ୍କା କରି ଆଦାୟ କଲେ । ଆଦାୟ ହୋଇଥିବା ଟଙ୍କାକୁ ଚାଟିକଣାଠାରେ ଥିବା 'କୋରାପୁଟ ପଞ୍ଚବଟୀ ଗ୍ରାମ ବ୍ୟାଙ୍କ'ରେ ଜମା କରାଗଲା । ଏହାପରେ ଡି.କେ.ଡି.ଏ ଏବଂ ଡି.ଆ.ର.ଡି.ଏ ଏହି ମଣ୍ଡଳକୁ ସଠିକ୍ ଭାବେ ପରିଚାଳନା କରିବା ସହିତ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ସେମାନେ ଉକ୍ତ ମଣ୍ଡଳକୁ ପ୍ରଥମେ ୫୦୦୦ ଏବଂ ପରେ ୨୦,୦୦୦ ଟଙ୍କା ଦେଇ ମୋଟ ୨୫,୦୦୦ ଟଙ୍କାର ସାହାଯ୍ୟ ପ୍ରଦାନ କରିଥିଲେ । ପ୍ରତ୍ୟେକ ମାସରେ ବନଜାତ ଦ୍ରବ୍ୟ ସଂଗ୍ରହ ଓ ଜଙ୍ଗଲ ସୁରକ୍ଷା ବିଷୟରେ ସଭାରେ ଆଲୋଚନା ହେଉଥିଲା । ସ୍ଥାନୀୟ ଜଙ୍ଗଲରୁ ବନଜାତ ଦ୍ରବ୍ୟ ଏବଂ ଫୁଲଝାଡୁର ସଂଗ୍ରହ ଓ ପ୍ରକ୍ରିୟାକରଣ ଲାଗି ଏକ ୭ ଦିନିଆ ତାଲିମ ପ୍ରଦାନ କରାଯାଇଥିଲା ଏଥିରେ ସେମାନଙ୍କୁ ଫୁଲଝାଡୁ, ତେନ୍ତୁଳୀ ଶିଆଳୀ ପତ୍ରର ପ୍ରକ୍ରିୟାକରଣ, ମୂଲ୍ୟଯୋଗ କରିବା ସହିତ ବଜାରରେ ଉଚିତ୍ ଦର ମାଗିବା ଓ ବ୍ୟବସାୟର ସମ୍ପର୍କିତ ଜ୍ଞାନ ଦିଆଯାଇଥିଲା ।
ଏହାପରେ ଖଜୁରୀ ମହିଳା ମଣ୍ଡଳ ୨୦୦୨-୦୩ ମସିହାରୁ ଫୁଲଝାଡୁ ସଂଗ୍ରହ କରିବାରେ ଲାଗିଥିଲା । ମଣ୍ଡଳର ତାଲିମପ୍ରାପ୍ତ ସଭ୍ୟାମାନେ ୧୦୦୦ କିଲୋଗ୍ରାମ ଫୁଲଝାଡୁ ସଂଗ୍ରହ କରିଥିଲେ ଏବଂ ତାହାକୁ ୩୦୦୦ ଖଣ୍ଡ ଫୁଲଝାଡୁ ମୁଠାରେ ପରିଣତ କରି ଗୋଟାକୁ ୧୨ ଟଙ୍କାରେ ବିକିବା ଆରମ୍ଭ କରିଥିଲେ ଓ ଲାଭବାନ ହେବାରେ ଲାଗିଥିଲେ । ବର୍ତ୍ତମାନ ସୁଦ୍ଧା ଏହି ମଣ୍ଡଳ ଫୁଲଝାଡୁ ବ୍ୟବସାୟ କରିବାରେ ଆଗେଇ ଚାଲିଛି । ଫଳରେ ଗ୍ରାମବାସୀମାନେ ଆଉ ଟଙ୍କା ପାଇଁ ସାହୁକାର ପାଖକୁ ଯାଉନାହାନ୍ତି ବରଂ ସାହୁକାର ପାଖରେ ଥିବା ମଇଁଷି ଓ ଗଛକୁ ପୁଣି ନିଜ ପାଖକୁ ଫେରାଇ ଆଣିଛନ୍ତି ଏବଂ ନିଜର ଆର୍ଥିକ ସ୍ଥିତି ଦୃଢ କରି ଚାଲିଛନ୍ତି । ସେମାନେ ପ୍ରତିବର୍ଷ ବ୍ୟବସାୟରେ ହେଉଥିବା ଲାଭକୁ ନିଜ ଭିତରେ ବାଣ୍ଟି ନେଉଛନ୍ତି ଏବଂ କିଛି ଅର୍ଥ ବ୍ୟାଙ୍କରେ ଜମା ରଖୁଛନ୍ତି । ସମିତିର ସଭ୍ୟମାନେ କହନ୍ତି ଏଥର ଆମର ପିଲା ପାଠ ପଢିବେ ସ୍କୁଲ ଯିବେ ଓ ଆମେ ଅନ୍ୟାନ୍ୟ ବନଜାତ ଦ୍ରବ୍ୟର ସଫଳ ବ୍ୟବସାୟ କରିବୁ ।



ଆମେ ବି ଫୁଲଝାଡୁ ବିକି ଘରକୁ ଦି' ପଇସା ଦେଉ

ସ୍ଥାନରେ ଅନ୍ୟାନ୍ୟ ବନଜାତ ଅପେକ୍ଷା ଫୁଲଝାଡୁ ବ୍ୟବସାୟରେ ଅଧିକ ଲାଭ ହେଉଥିବାରୁ ସେଥିରେ ଅଧିକ ସମୟ ଦେଉଛନ୍ତି । ଫୁଲଝାଡୁର ବିଡା ବାନ୍ଧିବା ଓ ମୁଠା କରି ବିକ୍ରି କରିବାରେ ମଧ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ନିଜର ସକ୍ରିୟ ଯୋଗଦାନ ଫଳରେ ସେମାନେ ଲାଭବାନ ହେବା ସହିତ ପ୍ରାଥମିକ ସଂଗ୍ରହକାରୀଙ୍କୁ ମଧ ଉଚିତ୍ ମୂଲ୍ୟ ଦେଇପାରୁଛନ୍ତି । ପୂର୍ବରୁ ଆଦିବାସୀମାନଙ୍କୁ ଟିଡିସିସି ଭଳି ସରକାରୀ ସଂସ୍ଥା ଶୋଷଣ କରୁଥିଲା, କିନ୍ତୁ ଦଳଗତ ଏକତା କାରଣରୁ ବର୍ତ୍ତମାନ ତାହା ସମ୍ଭବ ହୋଇପାରୁନାହିଁ ।

## ଅଧିକ ପଇସା ପାଇବା ପାଇଁ କ'ଣ କରିବା

ଅନ୍ୟାନ୍ୟ ସମସ୍ତ ବନଜାତ ଦ୍ରବ୍ୟ ଭଳି ଫୁଲଝାଡୁ ବିକ୍ରିରୁ ଆଦିବାସୀ ବା ପ୍ରାଥମିକ ସଂଗ୍ରହକାରୀଟିଏ ଅଧିକ ଦୁଇ ପଇସା ପାଇବା ଲାଗି ଇଚ୍ଛା ପ୍ରକାଶ କରିଥାଏ । ତେବେ ଉନ୍ନତ ମାନ ପାଇବା ଲାଗି ଆବଶ୍ୟକ ହୋଇଥାଏ ଉଚିତ୍ କ୍ୱାଲିଟି ଏବଂ ଉଚିତ୍ ପ୍ରକ୍ରିୟାକରଣ । ଏହି ଦୁଇଟିର ସମନ୍ୱୟ ରହିଲେ ଜଣେ ସଂଗ୍ରହକାରୀ ଉଚିତ୍ ତଥା ଅଧିକା ଦୁଇ ପଇସା ପାଇପାରିବ । ଏଥିଲାଗି ବିଶେଷ ଜ୍ଞାନ କୌଶଳର ଆବଶ୍ୟକ ହୋଇଥାଏ । ତେବେ ଆଦିବାସୀମାନଙ୍କ ପାଖରେ ଏସବୁ ନଥାଏ । ତେଣୁ ନିମ୍ନରେ କେତେକ ବିଷୟ ଦିଆଗଲା । ଯାହାକୁ ବ୍ୟବହାର କରି ଜଣେ ପ୍ରାଥମିକ ସଂଗ୍ରହକାରୀ ଅଧିକ ଦୁଇ ପଇସା ପାଇବା ସହିତ ଅଧିକ ଉତ୍ପାଦନ ମଧ ପାଇପାରିବ ।

୧. ନିଜ ଅଞ୍ଚଳର ଫୁଲଝାଡୁ ବୁଦାଗୁଡ଼ିକୁ ଚିହ୍ନଟ କରନ୍ତୁ ।
୨. ତାହାର ସୁରକ୍ଷା ଲାଗି ଧ୍ୟାନ ଦିଅନ୍ତୁ । କେବଳ ସଂଗ୍ରହ ସମୟ ବା ସଂଗ୍ରହ ଋତୁରେ ହିଁ ସଂଗ୍ରହ କରନ୍ତୁ ।
୩. କେବଳ ପରିପକ୍ୱ ଓ ତୋଳିବା ଲାଗି ଉପଯୁକ୍ତ ଫୁଲଝାଡୁ ସଂଗ୍ରହ କରନ୍ତୁ ଓ ଅପରିପକ୍ୱ କାଠିକୁ ଛାଡି ଦିଅନ୍ତୁ ।
୪. ଦୁର୍ବଳ କାଠି ଓ କମ ଗୋଛାଳିଆ ଥିବା ଫୁଲଝାଡୁକୁ ସଂଗ୍ରହ କରନ୍ତୁ ନାହିଁ ।
୫. ଫୁଲଝାଡୁ ସଂଗ୍ରହ ପରେ ବୁଦା ପୋଡ଼ିଦେବା ଯଦିଓ ପାରମ୍ପରିକ ଜ୍ଞାନର ଏକ ଅଂଶ ତଥାପି ଏହା ଉପରେ ଯଥା ସମ୍ଭବ ନିୟନ୍ତ୍ରଣ ରଖନ୍ତୁ ଏବଂ ଫୁଲଝାଡୁ ବୁଦା ପୋଡ଼ିବା ବେଳେ ଯେପରି ଜଙ୍ଗଲ ପୋଡ଼ିନଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
୬. ସଂଗ୍ରହ କରି ସାରିଲା ପରେ ଫୁଲଝାଡୁ କାଠିରୁ ପତ୍ରଗୁଡ଼ିକୁ କାଢି ଅଲଗା କରିଦେଇ ଶୁଖାଇବା ବ୍ୟବସ୍ଥା କରନ୍ତୁ ।
୭. ପ୍ରତିଦିନ ଆଣିଥିବା ଫୁଲଝାଡୁକୁ ଅଲଗା ଅଲଗା କରି ଶୁଖାନ୍ତୁ ।
୮. ପ୍ରତ୍ୟେକ କାଠିଗୁଡ଼ିକୁ ୩ ରୁ ୪ ଦିନ ପର୍ଯ୍ୟନ୍ତ ଭଲ ଭାବେ ଶୁଖାନ୍ତୁ ।
୯. ଶୁଖିଗଲା ପରେ ସେଥିରୁ ଶୁଖିଲା ଗ୍ରେପାକୁ କାଢି ଅଲଗା କରିଦିଅନ୍ତୁ ।
୧୦. ପ୍ରତ୍ୟେକ କାଠି ଗୁଡ଼ିକୁ ଗ୍ରେଡ ଅନୁଯାୟୀ ଅଲଗା ଅଲଗା କରି ରଖନ୍ତୁ ।
୧୧. ଗ୍ରେଡ ଚୟନରେ ସବୁଜ ରଙ୍ଗ ଓ ଗୋଚ୍ଛୋଳିଆ ଫୁଲଝାଡୁକୁ ଅଗ୍ରାଧିକାର ଦିଅନ୍ତୁ ।
୧୨. ସଂରକ୍ଷଣ କରିବା ଲାଗି ଗୋଦାମ ଘରେ/ ନିଜ ଘରେ ଭାଡି ତିଆରି କରି ତା ଉପରେ ଫୁଲଝାଡୁକୁ ଜମା ରଖନ୍ତୁ ।
୧୩. ଉଇ, ଅସରପା ଭଳି କୀଟଙ୍କଠାରୁ ଦୂରେଇ ରଖନ୍ତୁ ।
୧୪. କଞ୍ଚା ଫୁଲଝାଡୁକୁ ବିକ୍ରି କରନ୍ତୁ ନାହିଁ । ଏହା ଦ୍ୱାରା ନିଜର ଆର୍ଥିକ କ୍ଷତି ହୁଏ ।
୧୫. ଯଦି ପାରୁଛନ୍ତି ଫୁଲଝାଡୁ ବିଡା ବାନ୍ଧନ୍ତୁ ।
୧୬. ରଙ୍ଗୀନ ପ୍ଲାଷ୍ଟିକ ଫିତା, ପ୍ଲାଷ୍ଟିକ ନଳୀ, ଲୁହା ତାର ଆଦିର ବ୍ୟବହାର କଲେ ଖୁବ୍ ଭଲ ଓ ଏହା ଦ୍ୱାରା ବିକ୍ରିରୁ ଅଧିକ ପଇସା ମିଳିଥାଏ ।
୧୭. ଶିଆଳୀ ଲଇରେ ବନ୍ଧା ହୋଇଥିବା ବିଡା କିଛି ଦିନ ପରେ ଢିଲା ହୋଇଯାଏ । ତେଣୁ ଯଥା ସମ୍ଭବ ଏଥିରେ ବାନ୍ଧନ୍ତୁ ନାହିଁ ।
୧୮. ବନ୍ଧା ହୋଇଥିବା ଝାଡୁ ମୁଠାକୁ ବଜାରରେ ଉପଯୁକ୍ତ ଦରରେ ବିକ୍ରି କରନ୍ତୁ । ଉଚିତ୍ ଦର ଲାଗି ଦାବି କରନ୍ତୁ ।
୧୯. ନିଜେ ବିକୁଥିବା ଝାଡୁର ମୂଲ୍ୟକୁ ଜାଣନ୍ତୁ ।
୨୦. ବାହାରେ ଖୁଚୁରା ଭାବେ ବିକ୍ରୟ କରନ୍ତୁ ନାହିଁ ।
୨୧. ସମବାୟ ଗୋଷ୍ଠୀ, ସମବାୟ ସମିତିରେ ସାମିଲ୍ ହୁଅନ୍ତୁ ଏବଂ ତାହା ମାଧମରେ ବ୍ୟବସାୟୀ ସହ ସମ୍ପର୍କ ସ୍ଥାପନ କରି ନିଜର ଫୁଲଝାଡୁକୁ ବିକ୍ରି କରନ୍ତୁ ।
୨୨. ଦ୍ରବ୍ୟ ବିକ୍ରି କଲାବେଳେ ଓଜନ, ଗ୍ରେଡ ଓ ଟଙ୍କାକୁ ଧ୍ୟାନ ଦିଅନ୍ତୁ ।
୨୩. ଶୋଷଣର ଶିକାର ହୁଅନ୍ତୁ ନାହିଁ କିମ୍ବା ହେବାକୁ ଦିଅନ୍ତୁ ନାହିଁ ।
୨୪. ବିକ୍ରି ଅର୍ଥକୁ ସଞ୍ଚୟ କରନ୍ତୁ ଓ ବଡ଼ ବ୍ୟବସାୟରେ ଲକ୍ଷ୍ୟ ରଖନ୍ତୁ ।

✧

# କେମିତି ଚାଲିଛି କେନ୍ଦୁପତ୍ର ବ୍ୟବସାୟ ?

ଆମ ରାଜ୍ୟର ପାହାଡ଼ ପର୍ବତ ଘେରା ଜିଲ୍ଲାମାନଙ୍କରେ ବାସ କରିଆସୁଥିବା ଆଦିବାସୀମାନେ ସେମାନଙ୍କର ଜୀବନଜୀବିକା ଲାଗି ଜଙ୍ଗଲରୁ ମିଳୁଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରିବଟା କରିଥାନ୍ତି । ସେଥିରୁ ସେମାନେ ବର୍ଷର କେଇମାସ ଚଳିଯାଇଥାନ୍ତି । ସେମାନେ ସଂଗ୍ରହ କରୁଥିବା କେତେକ ମୁଖ୍ୟ ବନଜାତ ଦ୍ରବ୍ୟକୁ ଜାତୀୟକରଣର ଅନ୍ତର୍ଭୁକ୍ତ କରାଯାଇଛି । ପୂର୍ବରୁ ଶାଳମଞ୍ଜି, ମହୁଲ, ବାଉଁଶ ଓ କେନ୍ଦୁପତ୍ରକୁ ଜାତୀୟକରଣ କରାଯାଇଥିଲା । ପରେ ଶାଳମଞ୍ଜି ଓ ମହୁଲକୁ ଜାତୀୟକରଣରୁ ବାଦ୍ ଦିଆଯାଇଥିଲା । ତେଣୁ ବର୍ତ୍ତମାନ ବାଉଁଶ ଓ କେନ୍ଦୁପତ୍ର ଜାତୀୟକରଣର ଅନ୍ତର୍ଭୁକ୍ତ ଅଛି । ତେବେ ସର୍ବାଧିକ ଅର୍ଥ ପ୍ରଦାନକାରୀ, ଆୟ ପ୍ରଦାନକାରୀ ଓ କର୍ମ ନିୟୋଜନ ଯୋଗାଇ ଦେଉଥିବା ବନଜାତ ଦ୍ରବ୍ୟ ହେଉଛି କେନ୍ଦୁପତ୍ର । ଆମ ରାଜ୍ୟର କୃଷି ପରେ ଏହା ସର୍ବାଧିକ କର୍ମ ନିୟୋଜନ ଯୋଗାଇ ଦେଇଥାଏ । ତେଣୁ ଆଦିବାସୀ ଜୀବନଜୀବିକାରେ ଏହା ଅତ୍ୟନ୍ତ ଗୁରୁତ୍ୱ ବହନ କରିଥାଏ । ପ୍ରତ୍ୟେକ ବର୍ଷ ସମଗ୍ର ରାଜ୍ୟର ୨୦ ଲକ୍ଷ ରୁ ଉର୍ଦ୍ଧ୍ୱ ଲୋକ କେନ୍ଦୁପତ୍ର କାରବାରରେ ନିୟୋଜିତ ହୋଇଥାନ୍ତି ଏବଂ ପ୍ରତ୍ୟେକ ବର୍ଷ ୧୮ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଥାଏ । ତେବେ ଆଦିବାସୀ ଅଞ୍ଚଳରେ ଲୋକଙ୍କର ଜୀବନଜୀବିକାର ଅନ୍ୟତମ ଉତ୍ସ ବୋଲି କୁହାଯାଉଥିବା କେନ୍ଦୁପତ୍ର ବ୍ୟବସାୟ ଦିନକୁ ଦିନ ନିମ୍ନଗାମୀ ହେଲା ଭଳି ଲାଗୁଛି । କାରଣ ପ୍ରାୟ ପ୍ରତ୍ୟେକ ବର୍ଷ ଉତ୍ପାଦନର ପରିମାଣ କମୁଛି ତାହା ସହିତ ଗୋଛା କଟେଇ ତଥା ଗୋଛା କଟେଇ ଶ୍ରମିକ କମୁଛନ୍ତି । ଗୋଛା କଟେଇ ଅଞ୍ଚଳ କମୁଛି ଏବଂ ସର୍ବୋପରି 'ପତ୍ର ତୋଳାଳୀ' କାର୍ଡ ସଂଖ୍ୟା କମିବା ଭଳି ଅସୁବିଧାମାନ କ୍ରମେ କ୍ରମେ ଆସିବାରେ ଲାଗିଛି । ତେଣୁ କେନ୍ଦୁପତ୍ର ବ୍ୟବସାୟ ଯେ ନିମ୍ନମୁଖୀ ହୋଇଛି ଏହା ନିଃସନ୍ଦେହରେ କୁହାଯାଇପାରେ । ଗତ କିଛି ବର୍ଷରେ କେନ୍ଦୁପତ୍ର ବ୍ୟବସାୟରେ ଆସିଥିବା ସମସ୍ୟାଗୁଡ଼ିକୁ ନିମ୍ନରେ ପର୍ଯ୍ୟାଲୋଚନା କରାଗଲା ।

**ଉତ୍ପାଦନ ହ୍ରାସ**

୧୯୭୩ ମସିହାରେ ନନ୍ଦିନୀ ଶତପଥିଙ୍କ ସରକାର ସମୟରେ କେନ୍ଦୁପତ୍ରର ଜାତୀୟକରଣ ହୋଇଥିଲା ଏହାର ପରବର୍ଷ କେବଳ ୩.୫୨ ଲକ୍ଷ କ୍ୱିଣ୍ଟାଲ କେନ୍ଦୁପତ୍ର ଉତ୍ପାଦିତ ହୋଇପାରିଥିଲା । ଏହାପରେ କ୍ରମାଗତ ଭାବେ କେନ୍ଦୁପତ୍ରର ଉତ୍ପାଦନ ଉତ୍‌ଥାନ ପତନ ଦେଇ ଗତି କରୁଥିଲା । ଏହା ସେତେ ଗୁରୁତର ନଥିଲା ଓ ପାଖାପାଖି ସ୍ୱାଭାବିକ୍ ଭାବରେ ଚାଲି ଆସୁଥିଲା । ତେବେ ଗତ କିଛି ବର୍ଷ ତଳର କେନ୍ଦୁପତ୍ର ବ୍ୟବସାୟ ତଥା ପତ୍ର ଉତ୍ପାଦନର ମାତ୍ରାକୁ ଦେଖିଲେ ଭିନ୍ନତା ଓ ସମସ୍ୟା ଆପେ ଆପେ ବାରି ହୋଇପଡ଼େ ।

୨୦୦୦ ମସିହାରେ ଏକଦା କେନ୍ଦୁପତ୍ର ଉତ୍ପାଦନର ମାତ୍ରା ୫.୧୮ ଲକ୍ଷ କ୍ୱିଣ୍ଟାଲକୁ ସ୍ପର୍ଶ କରିଥିଲା । ତେବେ ଏହାପର ଠାରୁ ଉତ୍ପାଦନ ପରିମାଣ କ୍ରମାଗତ ଭାବେ ନିମ୍ନକୁ ଗତି କରିବାରେ ଲାଗିଛି । ଗୋଛା କଟେଇ, କର୍ମ ଦିବସ ସୃଷ୍ଟିର ମାତ୍ରା ମଧ୍ୟ ଏହା ସହିତ ସାମିଲ ହୋଇ ତାଳଦେଇ ଚାଲିବାରେ ଲାଗିଛି, ଯାହା ନିମ୍ନ ସାରଣୀକୁ ଅନୁଶୀଳନ କଲେ ଆପେ ଆପେ ବାରି ହୋଇପଡ଼ିଥାଏ । (ସାରଣୀ-୧ ଦେଖନ୍ତୁ)

**ସାରଣୀ-୧**

| ବର୍ଷ | ପତ୍ର ଉତ୍ପାଦନ (ଲକ୍ଷ କ୍ୱିଣ୍ଟାଲରେ) | ଗୋଛା କଟେଇ ଖର୍ଚ୍ଚ (କୋଟିରେ) | ମଜୁରୀ (ଟଙ୍କାରେ) | ଶ୍ରମ ଦିବସ (ଲକ୍ଷରେ) |
|---|---|---|---|---|
| ୨୦୦୦ | ୫.୧୮ | ୭.୩୬ | ୬୦.୦୦ | ୧୨.୨୬ |
| ୨୦୦୧ | ୪.୦୭ | ୬.୦୩ | ୬୦.୦୦ | ୧୦.୦୦ |
| ୨୦୦୨ | ୪.୬୦ | ୭.୫୧ | ୬୦.୦୦ | ୧୨.୫୦ |
| ୨୦୦୩ | ୪.୭୭ | ୬.୯୭ | ୬୦.୦୦ | ୧୧.୬୦ |
| ୨୦୦୪ | ୪.୭୬ | ୭.୦୬ | ୬୨.୫୦ | ୧୧.୩୦ |
| ୨୦୦୫ | ୩.୭୦ | ୬.୨୭ | ୬୨.୫୦ | ୧୦.୦୦ |
| ୨୦୦୬ | ୩.୮୪ | ୬.୭୪ | ୬୫.୦୦ | ୧୦.୪୦ |
| ୨୦୦୭ | | | ୮୦.୦୦ | |

ଉତ୍ସ : ପି.ସି.ସି.ଏଫ୍, ଭୁବନେଶ୍ୱର

ଉପରୋକ୍ତ ସାରଣୀରେ ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କଲେ ଜଣାପଡିଥାଏ ଯେ ରାଜ୍ୟରେ କେନ୍ଦୁପତ୍ର ଉତ୍ପାଦନ ହାର ସହିତ କର୍ମ ଦିବସ ନିୟୋଜନର ହାର କ୍ରମାଗତ ଭାବେ ନିମ୍ନମୁଖୀ ହେବାରେ ଲାଗିଛି ଏବଂ ଏଥିଲାଗି କେତୋଟି କାରଣ ଦର୍ଶାଯାଇପାରେ ।

**ଗୋଛା କଟେଇ**

କେନ୍ଦୁପତ୍ରର ଉତ୍ପାଦନ ଓ ଗୁଣମାନ ସମ୍ପୂର୍ଣ୍ଣ ଭାବେ ଗୋଛା କଟେଇ ଉପରେ ନିର୍ଭର କରେ । ତେଣୁ ଅନ୍ୟ ସମସ୍ତ ବ୍ୟବସ୍ଥାଠାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଗୋଛା କଟେଇ କାର୍ଯ୍ୟ ବର୍ଷର ଫେବୃୟାରୀ ମାସ ସୁଦ୍ଧା ଆରମ୍ଭ ହୋଇଥାଏ । ତେବେ ସ୍ଥାନ ବିଶେଷରେ ମାର୍ଚ୍ଚ ମାସର ୧୫ ତାରିଖ ପର୍ଯ୍ୟନ୍ତ ଗୋଛା କଟେଇ କାର୍ଯ୍ୟ

ଚ୍ଛଳିଥାଏ । ଏହି କାର୍ଯ୍ୟ ୧୦ ରୁ ୧୫ ଦିନ ମଧ୍ୟରେ ୩ ରୁ ୪ଟି ପର୍ଯ୍ୟାୟ ଦେଇ ଗତି କରିଥାଏ । ଗୋଛା କଟେଇ କାର୍ଯ୍ୟ କରାଯିବାର ୪୫ ଦିନ ପରେ ଫଡି ଅଞ୍ଚଳରୁ ପତ୍ର ତୋଳା ଆରମ୍ଭ ହୋଇଥାଏ । ଯେଉଁ ପର୍ଯ୍ୟାୟରେ ଗୋଛା କଟାଇ କରାଯାଇଥାଏ ଠିକ୍ ସେହି ପର୍ଯ୍ୟାୟରେ ପତ୍ର ତୋଳା କାର୍ଯ୍ୟ କରାଯାଇଥାଏ । ଗୋଛା କଟେଇ କାର୍ଯ୍ୟରେ ସ୍ଥାନୀୟ ଫଡି ଅଞ୍ଚଳରେ ଅର୍ଦ୍ଧକୁଶଳୀ ପୁରୁଷ ନିୟୋଜିତ ହୋଇଥାନ୍ତି ଏବଂ ସେହିମାନଙ୍କ ଦ୍ୱାରା ଗୋଛା କଟେଇ କାର୍ଯ୍ୟ ସମ୍ପାଦନ କରାଯାଇଥାଏ । ଗୋଛା କଟାଳୀମାନଙ୍କୁ ସେମାନଙ୍କର ପାରିଶ୍ରମିକ ବାବଦରେ ମଜୁରୀ ଦିଆଯାଇଥାଏ ।

**ହ୍ରାସ ପାଇଛି ଗୋଛା କଟେଇ ଅଞ୍ଚଳ**

ଦେଖାଯାଇଛି ଯେ ରାଜ୍ୟରେ ପ୍ରାୟ ପ୍ରତି ବର୍ଷ ଗୋଛା କଟେଇ କାର୍ଯ୍ୟ କମିବା ସହିତ ଗୋଛା କଟେଇ ଅଞ୍ଚଳର ଆକାର ଓ କାର୍ଯ୍ୟକାରୀତା ସୀମା ମଧ୍ୟ କମିଯିବାରେ ଲାଗିଛି । ଗୋଛା କଟେଇ ଅଞ୍ଚଳ କହିଲେ ସାଧାରଣତଃ ଅନାବାଦୀ ଜଙ୍ଗଲ ଜମି ଓ ପଡ଼ିଆ ଗୁଡ଼ିକୁ ବୁଝାଏ । କାରଣ ଅନାବାଦୀ ଜମିରେ ଉଠିଥିବା କେନ୍ଦୁ ବୁଦାକୁ ଗୋଛାକଟା କରାଯିବା ସହିତ ସେହିଠାରୁ ପତ୍ର ତୋଳାଯାଇଥାଏ । କିନ୍ତୁ ଉକ୍ତ ଅନାବାଦୀ ଜମିଗୁଡ଼ିକୁ କ୍ରମେ ବ୍ୟବସାୟୀକ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିବାରୁ କେନ୍ଦୁପତ୍ର ବୁଦାଗୁଡ଼ିକ କ୍ରମାଗତ ଭାବେ ନଷ୍ଟ ହେବାରେ ଲାଗିଛି । ଉଦାହରଣ ସ୍ୱରୂପ ପଶ୍ଚିମ ଓଡ଼ିଶାରେ କୃଷ୍ଣ କାର୍ପାସ ମୃତ୍ତିକା ଦେଖାଯାଏ । ତେଣୁ ସେଠାରେ କପା ଚ୍ଛଷ ଭଳି ସଫଳ ବ୍ୟବସାୟୀକ ଚ୍ଛଷ କରାଯାଇପାରିବ । ତେଣୁ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ଜିଲ୍ଲାମାନଙ୍କରେ ଥିବା କପାଚ୍ଛଷୀମାନେ ନିଜ ନିଜର ଜମିମାନଙ୍କରେ କପାଚ୍ଛଷ କରିବା ସହିତ କେନ୍ଦୁପତ୍ର ଗୋଛା କଟେଇ ଅଞ୍ଚଳରେ ମଧ୍ୟ ବର୍ତ୍ତମାନ ଚ୍ଛଷ କରିବାରେ ଲାଗିଛନ୍ତି । ଏହା ଫଳରେ ଗୋଛାକଟେଇ ଅଞ୍ଚଳ କମିବାରେ ଲାଗିଛି ଏବଂ ଚ୍ଛଷ ହେବାଦ୍ୱାରା କେନ୍ଦୁ ବୁଦାଗୁଡ଼ିକୁ ଉପାଡି ଦିଆଯାଉଛି । ଫଳରେ ଉକ୍ତ ସ୍ଥାନରେ ପୁନର୍ବାର କେନ୍ଦୁପତ୍ର ସଂଗ୍ରହ ବା ଉତ୍ପାଦନ ହେବା ସମ୍ଭବ ହେଉନାହିଁ । ଏହି କଥା ତଥା ସୂଚନା ସମ୍ପୃକ୍ତ ବନ ବିଭାଗ ନିକଟରେ ପହଞ୍ଚୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ଏବଂ ବିଭାଗ ନୀରବତା ଅବଲମ୍ବନ କରୁଛି ।

ଅନ୍ୟ ପକ୍ଷରେ ଦେଖାଯାଇଛି ଯେ କେନ୍ଦୁପତ୍ର ବିଭାଗ ତରଫରୁ ବାର୍ଷିକ କରାଯାଉଥିବା ଗୋଛା କଟେଇ କାର୍ଯ୍ୟରେ ସମସ୍ତ ଗୋଛା କଟେଇ ଅଞ୍ଚଳକୁ କାର୍ଯ୍ୟ ପରିସର ମଧ୍ୟକୁ ନିଆଯାଉନାହିଁ ଏବଂ ଗୋଛା କଟା କରାଯାଉନାହିଁ । ଗତ କିଛି ବର୍ଷଧରି ଗୋଛା କଟେଇରେ ନିଯୁକ୍ତି ପାଇନଥିବା କେତେକ ଗୋଛାକଟାଳୀ କହନ୍ତି ଯେ "ପୂର୍ବରୁ ସବୁ ଅଞ୍ଚଳରେ ଗୋଛା କଟେଇ କାର୍ଯ୍ୟ



କେନ୍ଦୁପତ୍ର ତୋଳିବାରେ ବ୍ୟସ୍ତ

କରାଯାଉଥିଲା; କିନ୍ତୁ ବର୍ତ୍ତମାନ କେବଳ ଚଳପ୍ରଚଳ ଓ ପରିବହନ, ଯୋଗାଯୋଗ ହୋଇପାରୁଥିବା ତଥା ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ଗୋଛାକଟେଇ କରାଯାଉଛି ଏବଂ ଜଙ୍ଗଲ ଅଧ୍ୟୁଷିତ ଏବଂ ଆଭ୍ୟନ୍ତରିଣ ସ୍ଥାନମାନଙ୍କରେ ଗୋଛାକଟେଇ କରାଯାଉନାହିଁ ।" ସେମାନେ ପୂର୍ବରୁ ଉକ୍ତ ସ୍ଥାନମାନଙ୍କରେ ଗୋଛା କାଟୁଥିଲେ କିନ୍ତୁ ବର୍ତ୍ତମାନ ସେମାନଙ୍କୁ ନିଯୁକ୍ତି ମିଳୁନାହିଁ ।

**କାର୍ଡ ସଙ୍କଟ**

ବର୍ତ୍ତମାନ କେନ୍ଦୁପତ୍ର ବିଭାଗକୁ କାର୍ଡ ସଙ୍କଟ ଆସିଛି ଯେଉଁ କାରଣ ଲାଗି ପତ୍ର ତୋଳାଳୀମାନଙ୍କୁ କାର୍ଡ ଯୋଗାଇ ଦିଆଯାଉ ନାହିଁ । ଯାହା ବର୍ଷଓ୍ୱାରୀ ତୋଳାଳୀ କାର୍ଡ ତାଲିକାକୁ ଦେଖିଲେ ଆପେ ଆପେ ବୁଝି ହୋଇଥାଏ । ସାରଣୀ-୨କୁ ଦେଖିଲେ ଜଣେ ସ୍ୱତଃ ଅନୁମାନ କରିପାରିବ ଯେ ପ୍ରତିବର୍ଷ ତୋଳାଳୀ କାର୍ଡ ସଂଖ୍ୟା କମିବାରେ ଲାଗିଛି ।

**ସାରଣୀ-୨**

| ବର୍ଷ | ତୋଳାଳୀ କାର୍ଡ ସଂଖ୍ୟା (ଲକ୍ଷରେ) | ବଢ଼ିଛି/ କମିଛି |
|---|---|---|
| ୨୦୦୩ | ୯.୩୩ | |
| ୨୦୦୪ | ୯.୦୬ | କମିଛି |
| ୨୦୦୫ | ୭.୧୩ | କମିଛି |
| ୨୦୦୬ | ୭.୫୭ | କମିଛି |

ଉତ୍ସ : ପିସିସିଏଫ୍, ଭୁବନେଶ୍ୱର

ଗୋଛା କଟେଇ କଥା ସାମନାକୁ ଆଣିଲେ ଆହୁରି ସ୍ପଷ୍ଟ ହେବ ଯେ ଗୋଛା କଟେଇ ଅଞ୍ଚଳ କମିବା ଦ୍ୱାରା ଗୋଛା କଟାଳୀଙ୍କ ନିଯୁକ୍ତି କମିଛି । କାରଣ ଗୋଛାକଟା ନହେଲେ ପତ୍ର କଅଁଳିବ ନାହିଁ ଏବଂ ପତ୍ର ନକଅଁଳିଲେ ସଂଗ୍ରହ ଲାଗି ପତ୍ର ତୋଳାଳୀ ନିଯୁକ୍ତ ହେବେ ନାହିଁ । ଫଳରେ ସେମାନଙ୍କୁ ତୋଳାଳୀ କାର୍ଡ ଦିଆଯାଇପାରିବ ନାହିଁ । ଏହା ପତ୍ର ତୋଳାଳୀ କାର୍ଡ ସଂଖ୍ୟା କମି ଯିବାର କାରଣ ଅଟେ ।

**ଶୋଷଣର ଶିକାର-କେନ୍ଦୁପତ୍ର ଶ୍ରମିକ**

୨୦୦୮ ମସିହା ଜାନୁଆରୀ ମାସ ୩୦ ତାରିଖ ଦିନ ରାଜ୍ୟ କେନ୍ଦୁପତ୍ର ବିଭାଗ ସହିତ ଏକ ଉପଦେଷ୍ଟା କମିଟି ବୈଠକ ସଚିବାଳୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର, ପ୍ରଧାନ ମୁଖ୍ୟ ବନସଂରକ୍ଷକ କେନ୍ଦୁପତ୍ର ବିଭାଗ ଓ କେନ୍ଦୁପତ୍ର କର୍ମଚ୍ଛରୀ ସଂଘର ସମ୍ପାଦକ ଉପସ୍ଥିତ ଥିଲେ । ବୈଠକରେ ରାଜ୍ୟ ସରକାର ଘୋଷଣା କଲେ ଯେ ଗୋଛା କଟେଇ ଲାଗି ମଜୁରୀ ୮୦ ଟଙ୍କା ଦିଆଯିବ ଏବଂ ଫାଲ୍ ଅଞ୍ଚଳରେ କେରୀ ପ୍ରତି ୪୦ଟି କରି ପତ୍ର ଗ୍ରହଣ କରାଯିବା ସହିତ କେରୀ ପ୍ରତି ୫୦ ପଇସାରୁ ୫୪ ପଇସା ବୃଦ୍ଧି ହେଲା ଏବଂ ଫଡ଼ି ଅଞ୍ଚଳରେ ପ୍ରୋସେସ୍ ପତ୍ର କେରୀ ପ୍ରତି ୨୫ ରୁ ୨୭ ପଇସା ବଢ଼ିଲା ବୋଲି ମଧ୍ୟ ଘୋଷଣା କରିଥିଲେ । ତେବେ ଏହି ଘୋଷଣା କାର୍ଯ୍ୟ କ୍ଷେତ୍ରରେ କେତେ ପରିମାଣରେ କାର୍ଯ୍ୟକାରୀ କରାଯାଉଛି ସେଥିଲାଗି ବର୍ତ୍ତମାନ ସୁଦ୍ଧା କାହାରି ନିଘା ନାହିଁ କି ଗୁରୁତ୍ୱ

ଦିଆଯାଉନାହିଁ । ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କର ଘୋଷଣାକୁ ମଧ୍ୟ ଅବମାନନା କରାଯାଉଛି । ଏହାର ଖୁବ୍ ଲାଭ ନେଉଛି କେନ୍ଦୁପତ୍ର ବିଭାଗ । ସୂଚନାଯୋଗ୍ୟ ଯେ ରାଜ୍ୟର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ଫାଲ୍ କେନ୍ଦୁପତ୍ର ଉତ୍ପାଦିତ ହୋଇଥାଏ । ପତ୍ର ସଂଗ୍ରହ, ଗୋଛା କଟେଇ ଓ ଫଡି ମରାମତି ଆଦି କାର୍ଯ୍ୟରେ ସ୍ଥାନୀୟ ଆଦିବାସୀମାନେ ନିୟୋଜିତ ହୋଇଥାନ୍ତି । ତେବେ ସେମାନଙ୍କୁ ପୂର୍ବ ଭଳି ଆଜି ମଧ୍ୟ ଶୋଷଣ କରାଚାଲିଛି । ଏଭଳି ଏକ ଶୋଷଣର ଉଦାହରଣ ହେଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରପଡା ପଞ୍ଚାୟତର 'ନାଏକ ଗୁଡା' ଗାଁ ।

ଆଦିବାସୀ ଅଧ୍ୟୁସିତ ଏହି ଗାଁର ଲୋକ ସଂଖ୍ୟା ୫୦୦ ରୁ ଉର୍ଦ୍ଧ୍ୱ ହେବ । ଗ୍ରାମବାସୀଙ୍କର ମୁଖ୍ୟ ଜୀବିକା କୃଷି ହୋଇଥିଲାବେଳେ ରୋଜଗାର ନଥିବା ସମୟରେ ସେମାନେ କେନ୍ଦୁପତ୍ର ସଂଗ୍ରହ, ଗୋଛାକଟେଇ, ଫଡି ମରାମତି ଆଦି କାର୍ଯ୍ୟ କରିଥାନ୍ତି । ଏହି ସମୟରେ ପତ୍ରତୋଳା କାର୍ଯ୍ୟରେ ଗାଁର ପିଲାଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ନିୟୋଜିତ ହୋଇଥାନ୍ତି ଏବଂ କେନ୍ଦୁପତ୍ର କାର୍ଯ୍ୟକ୍ରମରୁ ମିଳୁଥିବା ପଇସାରୁ ସେମାନେ ନିଜର କିଛି ମାସ ଅତିବାହିତ କରିଥାନ୍ତି । ତେବେ ଉକ୍ତ ଗ୍ରାମବାସୀମାନଙ୍କୁ କେନ୍ଦୁପତ୍ର ବିଭାଗ ମଜୁରୀ ଦିଆଯାଉଥିବା କଥା ଜୟପୁର ବନଖଣ୍ଡ କେନ୍ଦୁପତ୍ର କାର୍ଯ୍ୟାଳୟର ଡି.ଏଫ୍.ଓ. ସୂଚନା ଦିଅନ୍ତି । ତେବେ କାର୍ଯ୍ୟ କ୍ଷେତ୍ରରେ ଏହାର ଅନେକ ଓଲଟପାଲଟ ଦେଖିବାକୁ ମିଳେ । କାରଣ

**ସାରଣୀ-୩**

| କେନ୍ଦୁପତ୍ର କ୍ୟାଲେଣ୍ଡର | |
|---|---|
| ଜାନୁଆରୀ ୩୧ ପୂର୍ବରୁ | ସରକାରଙ୍କ ଦ୍ୱାରା ମୂଲ୍ୟ ନିର୍ଦ୍ଧାରଣ |
| ଫେବୃୟାରୀ | ଫଡ଼ି କମିଟି ଗଠନ |
| ଫେବୃୟାରୀ ମାସ ଶେଷ ସପ୍ତାହରୁ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ | ଗୋଛା କଟା |
| ମାର୍ଚ୍ଚ | ଫଡ଼ି ଘର ମରାମତି |
| ଏପ୍ରିଲ ପ୍ରଥମ ସପ୍ତାହ | ପତ୍ର ତୋଳାଳୀ କାର୍ଡ଼ ପ୍ରଦାନ |
| ଏପ୍ରିଲ ଦ୍ୱିତୀୟ ସପ୍ତାହରୁ ମେ ଶେଷ ସପ୍ତାହ (ଗୋଛା କଟାର ୪୫ ଦିନ ପରେ) | ପତ୍ର ତୋଳା |
| ଜୁନ୍, ଜୁଲାଇ ଓ ଅଗଷ୍ଟ | ପତ୍ର ବନ୍ଧେଇ |

ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ୮ ଘଣ୍ଟା କାଳ ଖରାରେ ଖଟାଇ ୪୦ ଟଙ୍କା ମଜୁରୀ ଦିଆଯାଉଥିବାବେଳେ ଯିଏ ଅଧା ଦିନ କାମ କଲା ତାହାକୁ ୨୦ ଟଙ୍କା ମଜୁରୀ ଦିଆଯାଉଅଛି ଓ ଆଦିବାସୀଙ୍କ ଝାଳବୁହା ପରିଶ୍ରମର ମଜୁରୀକୁ ବିଭାଗ ଦ୍ୱାରା ଚଲୁ କରି ଦିଆଯାଉଛି । ଖାତାରେ ଅଧା ଦିନର ମଜୁରୀ ବା ୪୦ ଟଙ୍କା ବୋଲି ଲେଖାଯାଉଛି ଓ ବାକି ମଜୁରୀକୁ ହରିଲୁଟ୍ କରି ଦିଆଯାଉଛି ବୋଲି ସେହିଭଳି ଅନ୍ୟାନ୍ୟ ସମସ୍ତ କେନ୍ଦୁପତ୍ର ଅଞ୍ଚଳ ଭଳି ଏହି ଗ୍ରାମର କେନ୍ଦୁପତ୍ର ତୋଳାଳୀଙ୍କୁ ଠିକ୍ ସମୟରେ ପ୍ରାପ୍ୟ ଦିଆଯାଏନାହିଁ । ତୋଳାଳୀମାନେ ପଇସା ପାଇବା ଲାଗି ଫଡିକୁ ଗଲେ ସବୁବେଳେ ଗୋଟିଏ କଥା ଶୁଣନ୍ତି, ତାହାହେଲା "ପଇସା ଉପରୁ ଆସିନାହିଁ କୁଆଡୁ ଦେବି ? ପଇସା ଆସୁ ନବୁ" କହି ଫେରାଇ ଦେଇଥାନ୍ତି । ଏହିପରି ଅନେକ ଥର ଦଉଡ଼ିଲା ପରେ ୨/୩ ମାସରେ ବେଳେବେଳେ ୪ ମାସରେ ଥରେ ବାକି ପଇସା ମିଳିଥାଏ । ଏହା ସେମାନଙ୍କର ଜୀବନଜୀବିକାରେ ବାଧା ସୃଷ୍ଟି କରିଥାଏ । ତେଣୁ କେନ୍ଦୁପତ୍ର କର୍ତ୍ତୃପକ୍ଷ ଏବଂ

**ପଇସାକୁ ପତ୍ର କେତେ ଖଣ୍ଡି !**

| **ବର୍ଷ** | ୧୯୬୯ | ୧୯୭୩ | ୧୯୭୫ | ୧୯୮୯ | ୧୯୯୨ | ୧୯୯୬ | ୧୯୯୮ | ୧୯୯୯ | ୨୦୦୧ | ୨୦୦୩ | ୨୦୦୫ | ୨୦୦୭ | ୨୦୦୮ |
|---|---|---|---|---|---|---|---|---|---|---|---|---|---|
| **ପତ୍ର** | ୫୦ | ୪୦ | ୩୦ | ୪ | ୨ | ୧.୬ | ୧.୫ | ୧.୩ | ୧ | ୧.୦୫ | ୧.୦୭ | ୧.୧୫ | ୧.୩୫ |

ଉତ୍ସ : ପି.ସି.ସି.ଏଫ୍, ଭୁବନେଶ୍ୱର

ତରଫରୁ ଅନେକ ବର୍ଷ ଧରି କ୍ରମାଗତ ଭାବେ ଶୋଷଣ କରାଯାଇ ଆସୁଛି । ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଫାଲ୍ ଅଞ୍ଚଳରେ ଗୋଟିଏ କେରୀରେ ୪୦ ଟି ପତ୍ର ନେବାକୁ ନିୟମ ଥିଲେ ମଧ୍ୟ ଗ୍ରାମବାସୀଙ୍କ ଠାରୁ ୫୦ଟି କରି ପତ୍ର ନିଆଯାଉଛି । ସେହିପରି ୨୮.୦୪.୦୭ ମସିହାରେ ପ୍ରକାଶ ପାଇଥିବା ଘୋଷଣା ଅନୁସାରେ ଗୋଛା କଟେଇ ଶ୍ରମିକଙ୍କୁ ୮୦ ଟଙ୍କା ଲେଖା ମଜୁରୀ ଦେବାର ବ୍ୟବସ୍ଥା କରାଯାଇଛି । ନିଜର ଫାଲ୍ ଅଞ୍ଚଳରେ ଅଧା ଦିନର ଗୋଛା କଟେଇ କାର୍ଯ୍ୟ କରାଯିବା ସହିତ ଅଧା ଦିନର ସହଜରେ ଅନୁମାନ ଲଗାଯାଇପାରେ । ମଜୁରିଆଙ୍କୁ ବିଭାଗ ତରଫରୁ ପୁରା ଦିନର ମଜୁରୀ ୪୦ ଟଙ୍କା ବୋଲି କୁହାଯାଉଛି ଏବଂ ମଜୁରୀ ଦର ବଢିଥିବା କଥା ଘୋଷଣା କରାଯାଉନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ କୌଣସି ଏକ ମସିହାରେ ଗୋଛା କଟେଇ ମଜୁରୀ ୪୦ ଟଙ୍କା ଥିଲା । ତେବେ ୨୦୦୮ ମସିହାରେ ବି କୋରାପୁଟ ଜିଲ୍ଲାର ଜୟପୁର କେନ୍ଦୁପତ୍ର ଡ଼ିଭିଜନରେ ସେହି ମସିହାର ଗୋଛା କଟେଇ ମଜୁରୀକୁ ବର୍ତ୍ତମାନ ସୁଦ୍ଧା ଦିଆ ଚାଲିଛି । ଜୟପୁର କେନ୍ଦୁପତ୍ର ବନଖଣ୍ଡ ଉପରୋକ୍ତ ବିଷୟକୁ ଆଖି ଆଗରେ ରଖି ଉକ୍ତ ସ୍ଥାନକୁ ଯାଇ ତଦାରଖ କାର୍ଯ୍ୟ କଲେ ଉକ୍ତ ଗ୍ରାମର ଲୋକମାନଙ୍କ ସହିତ ଅନ୍ୟମାନେ ଉପକୃତ ହୋଇପାରନ୍ତେ । ଏହାଛଡ଼ା ସରକାର ଓ ରାଜ୍ୟ ବନବିଭାଗ ଉପରୋକ୍ତ କାରଣ ତଥା ସମସ୍ୟାଗୁଡ଼ିକୁ ସଠିକ୍ ଭାବେ ଅନୁଧ୍ୟାନ କରି ସଠିକ୍ ପରିଚାଳନା କରନ୍ତୁ ଏବଂ କେନ୍ଦୁ ପତ୍ର ବ୍ୟବସାୟକୁ ଲାଭବାନ କରିବା ସହିତ ପତ୍ର ତୋଳାଳି ତଥା କେନ୍ଦୁ ପତ୍ର ଶ୍ରମିକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତୁ ଓ ଶୋଷଣରୁ ସେମାନଙ୍କୁ ରକ୍ଷା କରନ୍ତୁ । ✧

# ଲେମନ୍‌ଗ୍ରାସ୍

ଲେମନ ଗ୍ରାସ ବା ଲେମ୍ବୁ ଘାସ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ ଚାଷ ହେଉଥିବା ଘାସମାନଙ୍କ ମଧ୍ୟରୁ ଗୋଟିଏ । ଏହାର ପତ୍ରରୁ ଲେମ୍ବୁର ବାସ୍ନା ଆସୁଥିବାରୁ ଏହାର ନାମକରଣ ଏପରି ହୋଇଛି । ଏଥିରୁ ସୁଗନ୍ଧିତ ତୈଳ ଉତ୍ପାଦିତ ହେବା ସହିତ କେତେକ ଔଷଧ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଏହି ଘାସକୁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବାପାଇଁ ଯେତିକି ପରିମାଣରେ ବ୍ୟବହାର କରାଯାଏ ବିଭିନ୍ନ ପାନୀୟର ପ୍ରସ୍ତୁତିରେ ମଧ୍ୟ ସେହି ପରିମାଣରେ ବ୍ୟବହାର କରାଯାଇଥାଏ । ଏତେଗୁଡିଏ କାର୍ଯ୍ୟରେ ଉପଯୋଗୀ ହୋଇ ପାରୁଥିବାରୁ ଦେଶର ବିଭିନ୍ନ ପ୍ରାନ୍ତର ଚାଷୀମାନେ ଏବେ ଆଗ୍ରହର ସହିତ ଏହି ଘାସକୁ ଅଧିକରୁ ଅଧିକ ଚାଷ କରୁଛନ୍ତି ।

### ଜଳବାୟୁ

ଲେମନ୍‌ଗ୍ରାସ୍ ଚାଷ ପାଇଁ ଶୁଖିଲା କିନ୍ତୁ ଆବଶ୍ୟକ ପରିମାଣର ବର୍ଷା ହେଉଥିବା ଜଳବାୟୁର ଆବଶ୍ୟକତା ରହିଛି । ତେବେ କୌଣସି ସ୍ଥାନରେ ବର୍ଷ ସାରା ଆବଶ୍ୟକତା ଅନୁସାରେ ବର୍ଷା ହେଉନଥିଲେ ସେଠାରେ ଜଳସେଚନ କରି ଲେମନ୍‌ଗ୍ରାସ ଚାଷ କରାଯାଇପାରିବ । ଆମ ରାଜ୍ୟର ପ୍ରାୟ ସମସ୍ତ ପାହାଡ଼ିଆ ଅଞ୍ଚଳ ଏବଂ କେତେକ ଉପକୂଳବର୍ତ୍ତି ଜିଲ୍ଲାମାନଙ୍କରେ ଏହାର ସଫଳ ଚାଷ କରାଯାଇପାରିବ ।

### ମାଟି

ଲେମନ୍‌ଗ୍ରାସ ଚାଷ ସବୁ ମାଟିରେ ଚାଷ ହୋଇ ପାରିବ । ତେବେ ବାଲିଆ ଦୋରସା ତଥା ହାଲୁକା କପାସିଆ ମାଟି ଏହି ଚାଷ ପାଇଁ ଅଧିକ ଅନୁକୂଳ । ଜମି ନିଗିଡା ହେବା ଉଚିତ୍ ଓ ଏଥିରେ କୌଣସି ସମୟରେ ପାଣି ଜମି ରହିବା ଅନୁଚିତ ।

### ଜମି ପ୍ରସ୍ତୁତି

ଲେମନ୍‌ଗ୍ରାସ ଚାଷ ସାଧାରଣତଃ ପା□ ବର୍ଷ ଲାଗି କରାଯାଇଥାଏ । ଏହାକୁ ଚାଷଜମି ବା ବେକାର ପଡିଥିବା ଅନାବାଦୀ ଜମିରେ ଚାଷ କରାଯାଇ ପାରିବ । ତେବେ ଏଥିପାଇଁ ଜମିକୁ ସଠିକ୍ ଭାବରେ ପ୍ରସ୍ତୁତ କରିବାକୁ ହୋଇଥାଏ । ପ୍ରଥମେ ଜମିକୁ ୨/୩ ଥର ହଳ କରିନେବା ଦରକାର । ହଳ ପରେ ଜମିରେ ଏକର ପିଛା ୧୫ ଟନ୍ ପର୍ଯ୍ୟନ୍ତ ଗୋବର ଖତ ବା କମ୍ପୋଷ୍ଟ ମିଶାଇ ଦିଆଯିବା ଆବଶ୍ୟକ । ଲେମନ୍‌ଗ୍ରାସ ପୋତିବା ପାଇଁ ୨ ଫୁଟ ଛଡାରେ ଗୋଟିଏ ଗୋଟିଏ ହୁଡ଼ା କରିନେବା ଆବଶ୍ୟକ ଏବଂ ହୁଡ଼ାଗୁଡ଼ିକର ଉଚ୍ଚତା ୧ ଫୁଟ ହେବା ଦରକାର ।

### ଚାରା ଉତ୍ପାଦନ ପ୍ରଣାଳୀ

ଲେମନ୍‌ଗ୍ରାସର ବଂଶ ବିସ୍ତାର ମଞ୍ଜିରୁ ବା ପୁଆ ଦ୍ୱାରା ହୋଇଥାଏ । ତେବେ ଭାରତରେ ଲେମନ୍‌ଗ୍ରାସ ଚାରା ମଞ୍ଜିରୁ ପ୍ରସ୍ତୁତ କରାଯାଇଥାଏ । ଏଥିପାଇଁ ଏକ ଚାରାନର୍ସରୀ କରି ସେଠାରେ ଚାରା ପ୍ରସ୍ତୁତ କରାଯାଏ । ଚାରାଗୁଡିକ ଟିକେ ବଡ଼ ହୋଇଗଲେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଜମିର ହୁଡ଼ାମାନଙ୍କରେ ଲଗାଇ ଦିଆଯାଇଥାଏ । କେତେକ ସ୍ଥାନରେ ଲେମନ୍‌ଗ୍ରାସ ବୁଦାରୁ ପୁଆଗୁଡ଼ିକୁ ଅଲଗା କରି ଚେର ସହିତ ଲଗା ଯାଇଥାଏ । ଗୋଟିଏ ଉ□ମ ପୁଆର ଉଚ୍ଚତା ୨୫ ରୁ ୩୦ ସେ□ମିଟର ମଧ୍ୟରେ ରହିବା ଆବଶ୍ୟକ ।

### ଚାରା ରୋପଣ ବିଧି

ଚାରା ଉତ୍ପନ୍ନ ହୋଇଯିବା ପରେ ସେଗୁଡିକୁ ପୂର୍ବରୁ ପ୍ରସ୍ତୁତ ହୁଡ଼ାମାନଙ୍କରେ ରୋଇଦେବା ଆବଶ୍ୟକ । ତେବେ ଚାରା ରୋପଣ କରିବା ପୂର୍ବରୁ ଜମିରେ ପାଣି ମଡ଼ାଇ ଜମିକୁ ବତର କରିନେବା ଭଲ । ହୁଡ଼ାଗୁଡ଼ିକ ବତୁରିଯିବା ପରେ ଖଣ୍ଡିଏ କାଠି ସାହାଯ୍ୟରେ ଗାତ କରିଦେବା ଆବଶ୍ୟକ । ଚାରାଗୁଡିକୁ ରୋଇବା ପୂର୍ବରୁ ଏକ ଭାଗ ଗୋମୂତ୍ର ଓ ଦଶଭାଗ ପାଣିରେ ପ୍ରସ୍ତୁତ ଗୋମୂତ୍ର ଦ୍ରବଣରେ ଦୁଇ ତିନି ଘ□ା ପର୍ଯ୍ୟନ୍ତ ବୁଡ଼ାଇରଖିବା ଦ୍ୱାରା ସଂକ୍ରାମକ ରୋଗ ଜୀବାଣୁ ମରିଯାଆନ୍ତି । ଚାରା ରୋପଣ ବେଳେ ଚାରା ନିଶ୍ଚିତରୂପେ ମାଟି ଭିତରେ ୫ ରୁ ୮ ସେ□ମିଟର ପୋତି ହୋଇ ରହିଲା ବୋଲି ନିଶ୍ଚିତ ହେବା ଆବଶ୍ୟକ । ଜମିରେ ବତର ଠିକ୍ ନଥିଲେ ତେବେ ଚାରା ଲଗାଇବା ପରେ ପରେ ପାଣି ମଡ଼ାଇବା ନିହାତି ଆବଶ୍ୟକ ।

ଚାରା ରୋଇବା ବେଳେ ଧାଡି ଧାଡି ମଧ୍ୟରେ ଦୂରତା ୬୦ ସେ□ମିଟର ଓ ଚାରାରୁ ଚାରାର ଦୂରତ୍ୱ ୩୦ ରୁ ୪୫ ସେ□ମିଟର ମଧ୍ୟରେ ରଖିବା ଉଚିତ୍ । ଏହାଦ୍ୱାରା ଫସଲ ଭଲ ବଢ଼ିଥାଏ ।

### ଚାରା ରୋଇବା ସମୟ

ଲେମନ୍‌ଗ୍ରାସ ଚାରା ବର୍ଷରେ ଦୁଇଥର ଲଗାଯାଇ ପାରିବ । ଜୁଲାଇ-ଅଗଷ୍ଟ ମାସରେ ଓଦା ଜମିରେ ଚାରା ଲଗାଯାଇପାରେ । ସେହିପରି ଫେବୃଆରୀ-ମାର୍ଚ୍ଚ ମାସରେ ମଧ୍ୟ ଚାରା ଲଗାଯାଇପାରିବ ।

କ୍ଷେତରେ ଲଗାଯାଇଥିବା ଚାରା ମଧ୍ୟରୁ ୧୫ ରୁ ୪୦ ଭାଗ ପର୍ଯ୍ୟନ୍ତ ଚାରା ମରି ଯାଇଥାଏ । ବାକି ୬୦ ରୁ ୮୫ ଭାଗ ଚାରା ବ□ରହେ । ଯେଉଁ ଚାରାଗୁଡିକ ମରି ଯାଆନ୍ତି, ସେଗୁଡ଼ିକ ସ୍ଥାନରେ ନୂଆ ଚାରା ଲଗାଯାଇ ସେହି ସ୍ଥାନଗୁଡିକୁ ପୁଣି ଥରେ ପୂରଣ କରି ଦିଆଯିବା ଦରକାର । ତେବେ ବର୍ଷା ଋତୁରେ ଲଗାଯାଇଥିବା ଚାରାଗୁଡିକର ମୃତ୍ୟୁହାର ଅପେକ୍ଷାକୃତ କମ ରହିଥାଏ ।

**ଗ୍ରରା ଲଗାଇବା ପରର ଯତ୍ନ**

ଫେବୃଆରୀ-ମାର୍ଚ୍ଚ ମାସରେ ଲଗା ଯାଇଥିବା ଗ୍ରରାଗୁଡିକ ସାଧାରଣତଃ ସମ୍ପୂର୍ଣ୍ଣ ଶୁଖି ଯାଇଥିବାପରି ଦିଶନ୍ତି ତେବେ ଗଛ ସବୁ ଶୁଖିଲା ଦେଖାଯିବା ପରର ୨୫ ରୁ ୩୦ ଦିନ ମଧ୍ୟରେ ପୁଣି କ୍ଷେତ ସବୁଜ ହୋଇଉଠେ ।

**ଘାସ ବଛା**

ଲେମନ୍‌ଗ୍ରାସ ଲାଗିଥିବା ଜମିରେ ଅନାବନା ଗଛପତ୍ରକୁ ବାଛିବାକୁ ପଡିଥାଏ । ତେଣୁ ଫସଲ ଲାଗିବାର ପ୍ରଥମ ପା□ଛଅ ମାସ ଅଧିକ ଯତ୍ନ ନେବାକୁ ପଡିଥାଏ । କାରଣ ଏହି ସମୟରେ ଗ୍ରରାଗୁଡିକ ଅତି ଛୋଟ ଥିବାରୁ ବାଲୁଙ୍ଗା ତଥା ଅନାବନା ଗଛଗୁଡ଼ିକ ଲେମନ୍‌ଗ୍ରାସକୁ ବଢ଼ିବାକୁ ଦେଇନଥାନ୍ତି । ବଛା ବଛି କରିବା ଦ୍ୱାରା ମାଟି ହାଲୁକା ହୋଇଯାଏ ଓ ଲେମନ୍‌ଗ୍ରାସର ବୃଦ୍ଧିରେ ସହାୟକ ହୋଇଥାଏ । ରୋଇବାର ପ୍ରଥମ ୪୦ ରୁ ୪୫ ଦିନ ମଧ୍ୟରେ ଥରେ ଓ ପରବ□ୀ ୪୫ ରୁ ୫୦ ଦିନ ମଧ୍ୟରେ ଆଉ ଥରେ କୋଡା-ଖୁସା କରିଦେବା ନିହାତି ଆବଶ୍ୟକ ।

**ଜଳସେଚନ**

ଲେମନ୍‌ଗ୍ରାସ ଫସଲରୁ ଭଲ ଅମଳ ପାଇବା ସକାଶେ ଜଳସେଚନର ଆବଶ୍ୟକତା ରହିଛି । ଖରାଦିନେ ପ୍ରତି ୧୦ ଦିନରେ ଥରେ ପାଣି ଦେବା ବ୍ୟବସ୍ଥା ହେବା ଜରୁରୀ । ନିୟମିତ ପାଣି ବ୍ୟବସ୍ଥା ରହିଲେ ବାର୍ଷିକ ୩/୪ ଥର ଲେମନ୍‌ଗ୍ରାସକୁ କାଟି ଅମଳ କରିହୁଏ ।

**ରୋଗପୋକରୁ ସୁରକ୍ଷା**

ଲେମନ୍‌ଗ୍ରାସ ଏକ ଦୃଢ ଘାସ ଜାତୀୟ ଗଛ ହୋଇଥିବାରୁ କୀଟ ପତଙ୍ଗ ଏହାର ବିଶେଷ କିଛି କ୍ଷତି କରି ପାରନ୍ତି ନାହିଁ କିମ୍ବା ଏଥିରେ ସେପରି କିଛି ହାନୀକାରକ ରୋଗ ମଧ୍ୟ ହୁଏ ନାହିଁ । ତଥାପି ଲେମନ୍‌ଗ୍ରାସର ପ୍ରମୁଖ ରୋଗ ହେଉଛି ଅଂଗମାରୀ (ଲିଫ୍ ବ୍ଲାଇଟ୍), ପର୍ଣ୍ଣ ବିନ୍ଦୁ (ଲିଫ୍ ସ୍ପଟ) ଓ ପୀତରୋଗ । ଅଂଗମାରୀ ରୋଗର ଲକ୍ଷଣ ହେଉଛି ଯେ ଲେମନ୍‌ଗ୍ରାସର ପତ୍ରଗୁଡିକରେ କୋଟ ଛୋଟ ଗୋଲାପି ରଙ୍ଗର ବିନ୍ଦୁମାନ ଦେଖାଯାଏ ଯାହାକି ବଢି ଗ୍ରଲେ । ଧୀରେ ଧୀରେ ପତ୍ରଗୁଡିକ ହଳଦିଆ ପଡ଼ି ଶୁଖିଯାଏ । ଏହାକୁ ଦୂର କରିବା ପାଇଁ ପାଣିରେ ୦.୩ ଭାଗର "ମେଙ୍କୋଜେବ" ବା "ଡାୟଫୋଲେଟାନ" ମିଶାଇ ପତ୍ରରେ ଛି□ିବାକୁ ହୋଇଥାଏ ।ଏହାଦ୍ୱାରା ରୋଗ ସଂକ୍ରମଣର ସମ୍ଭାବନା ନଥାଏ ।

**ଫସଲ ଅମଳ**

ରୋଇବାର ପା□ରୁ ଛଅ ମାସ ଭିତରେ ଲେମନ୍‌ଗ୍ରାସ୍ ତିନିରୁ ସାଢେ ତିନିଫୁଟ ପର୍ଯ୍ୟନ୍ତ ଉଚ୍ଚ ହୋଇ ଯାଇଥାଏ । ସେତିକିବେଳେ ମାଟିରୁ ୧୦ ସେ□ିମିଟର ଛାଡ଼ି ଦେଇ ଉପର ପତ୍ର ସବୁକୁ କାଟି ନିଆଯାଏ । ପ୍ରଥମ ଥର କାଟିଲାବେଳେ କମ ଫସଲ ମିଳିଥାଏ । କିନ୍ତୁ ପ୍ରଥମ କଟା ପରେ ଏହି ଫସଲ ବେଶ୍ ଯୋରରେ ବଢ଼ିଥାଏ । ଯାହା ଫଳରେ ପ୍ରତି ୯୦ ରୁ ୧୦୦ ଦିନ ମଧ୍ୟରେ ଥରେ ଲେଖାଏଁ ପା□ବର୍ଷ ପର୍ଯ୍ୟନ୍ତ ଏହାକୁ ଅମଳ କରାଯାଇ ପାରେ । ପ୍ରଥମ ବର୍ଷରେ ଦୁଇରୁ ତିନିଥର ଏବଂ ତା'ପରେ ଚାରି ବର୍ଷ ପର୍ଯ୍ୟନ୍ତ ବର୍ଷକୁ ୩ ରୁ ୪ ଥର ଫସଲ ଅମଳ କରାଯାଇପାରେ । ସାଢେ ତିନିବର୍ଷ ପର୍ଯ୍ୟନ୍ତ ଏଥିରୁ ପ୍ରଚୁର ପତ୍ର ଏବଂ ପତ୍ରରୁ ବାହାରୁଥିବା ତୈଳ ମିଳି ପାରିଥାଏ ।

**ଶୁଖିଲା ପତ୍ରରୁ ଲାଭ**

ଏକ ହିସାବରୁ ଦେଖାଯାଇଛି ଯେ ଲେମନ୍‌ଗ୍ରାସ ଗ୍ରଷ କରାଯାଇଥିବା ଗୋଟିଏ ଏକର ଜମିରୁ ବାର୍ଷିକ ଏକ ଟନ ପର୍ଯ୍ୟନ୍ତ ଶୁଖିଲା ଲେମନ୍‌ଗ୍ରାସ ମିଳିଥାଏ । ଯଦି ଏହାକୁ ଗ୍ରଷୀ ନିଜେ ପାତନ ନକରି ଅନ୍ୟକୁ ବିକ୍ରୀ କରିଦିଏ ତେବେ କିଲୋଗ୍ରାମ ପିଛା ୧୦ ଟଙ୍କା ଦରରେ ଏହା ବିକ୍ରୀ ହୋଇଥାଏ । ତେବେ ଶୁଖିଲା ଘାସର ବଜାର ଗ୍ରହିଦା ଉପରେ ଏହାର ଲାଭ ନିର୍ଭରଶୀଳ । ତେଣୁ ତେଲ ବାହାର କରି ବିକିବା ଅଧିକ ଲାଭପ୍ରଦ । ଫଳରେ ଗ୍ରଷୀ ପ୍ରତି ଅମଳରେ ଏକର ପିଛା ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ପାଇପାରିଥାଏ । ପ୍ରତି ବର୍ଷ ଯଦି ଗ୍ରରିଥର ଅମଳ ହୁଏ ତେବେ ଗ୍ରଷୀର ରୋଜଗାର ୪୦,୦୦୦ ପର୍ଯ୍ୟନ୍ତ ହୋଇପାରିବ । ସେଥିରୁ ୧୦,୦୦୦ ଟଙ୍କା ଖର୍ଚ୍ଚ ବାବଦକୁ କାଟିଲେ ଗ୍ରଷୀର ଶୁଦ୍ଧ ଲାଭ ବାର୍ଷିକ ୩୦,୦୦୦ ଟଙ୍କା ଯାଏ ହୋଇଥାଏ ।

ଆ□ଳିକ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଅନୁସାରେ ହେକ୍ଟର ପ୍ରତି ଆୟବ୍ୟୟର ହିସାବ ନିମ୍ନରେ ଦିଆଯାଇଛି ।

✧

**ଖର୍ଚ୍ଚ**

| ନଂ. | ଚାଷବାସ ଖର୍ଚ୍ଚ | ୧ମ ବର୍ଷ (ଟଙ୍କାରେ) | ୨ୟ ବର୍ଷ (ଟଙ୍କାରେ) | ୩ୟ ବର୍ଷ (ଟଙ୍କାରେ) | ୪ର୍ଥ ବର୍ଷ (ଟଙ୍କାରେ) | ୫ମ ବର୍ଷ (ଟଙ୍କାରେ) |
|---|---|---|---|---|---|---|
| ୧ | ଜମି ପ୍ରସ୍ତୁତି ଖର୍ଚ୍ଚ | ୧୦୦୦ | - | - | - | - |
| ୨ | ଖତସାର, କମ୍ପୋଷ୍ଟ | ୧୫୦୦ | ୧୫୦୦ | ୧୫୦୦ | ୧୫୦୦ | ୧୫୦୦ |
| ୩ | ମଞ୍ଜି/ଗ୍ରରା ଓ ରୋପଣ | ୫୦୦୦ | - | - | - | - |
| ୪ | କୋଡାଖୁସା/ବାଲୁଙ୍ଗା ବଛା | ୧୦୦୦ | ୫୦୦ | ୫୦୦ | ୫୦୦ | ୫୦୦ |
| ୫ | ଜଳ ସେଚନ/ଫସଲ ସୁରକ୍ଷା | ୫୦୦ | ୫୦୦ | ୫୦୦ | ୫୦୦ | ୫୦୦ |
| ୬ | ଫସଲ କଟା ବା ଅମଳ | ୮୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ |
| ୭ | ପାତନ କ୍ରିୟା (କିଲୋ ପ୍ରତି୫୦ ଟଙ୍କା) | ୨୦୦୦ | ୪୦୦୦ | ୪୦୦୦ | ୪୦୦୦ | ୪୦୦୦ |
| | ମୋଟ ଖର୍ଚ୍ଚ | ୧୧୮୦୦ | ୭୫୦୦ | ୭୫୦୦ | ୭୫୦୦ | ୭୫୦୦ |

ଉତ୍ସ: ଲେମନ୍ ଗ୍ରାସ୍ ପୁସ୍ତିକା, ଆର୍.ସି.ଡି.ସି.

# ଶାଳମଞ୍ଜିର ସଫଳ ପରିଚାଳନା

ଆମ ରାଜ୍ୟ ତାହାର ବିସ୍ତୃତ ଶାଳ ଜଙ୍ଗଲ ଲାଗି ପ୍ରସିଦ୍ଧ । ଶାଳ ଜଙ୍ଗଲରୁ ଏପ୍ରିଲ୍, ମେ ଓ ଜୁନ୍ ମାସରେ ମିଳୁଥିବା ଶାଳମଞ୍ଜିର ସଂଗ୍ରହ ଉପରେ ସ୍ଥାନୀୟ ଆଦିବାସୀ ତଥା ପ୍ରାଥମିକ ସଂଗ୍ରହକାରୀମାନେ ନିଜର ଜୀବନଜୀବିକା ଲାଗି ନିର୍ଭର କରିଥାନ୍ତି । କାରଣ ଶାଳମଞ୍ଜି ବିକ୍ରିରୁ ମିଳୁଥିବା ଟଙ୍କାରୁ ସେମାନେ ୨ ରୁ ୩ ମାସ କାଳ ଚଳିଯାଇଥାନ୍ତି । ତେଣୁ ଶାଳମଞ୍ଜିର ଆଦିବାସୀ ଜୀବନଜୀବିକାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ଆମ ରାଜ୍ୟରେ ୧୯୮୩ ମସିହାରେ ଶାଳମଞ୍ଜିକୁ ଜାତୀୟକରଣ କରାଯାଇଥିଲା ଏବଂ ଏହାର ବ୍ୟବସାୟ ୨୩ ବର୍ଷ ଧରି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା । ତେବେ ସରକାରଙ୍କର ବ୍ୟବସାୟ ତଥା ପରିଚାଳନାଗତ ସମସ୍ୟା କାରଣରୁ ୨୦୦୬ ମସିହାରେ ଶାଳମଞ୍ଜିର ଜାତୀୟକରଣ ରଦ୍ଦ କରାଯାଇ ଥିଲା । ଏହି ସମୟରେ ଶାଳମଞ୍ଜି କିଲୋପ୍ରତି ୩ ଟଙ୍କା ୨୫ ପଇସା ଥିଲା । କିନ୍ତୁ ମୁକ୍ତ ବ୍ୟବସାୟ କରାଯିବା ଯୋଗୁଁ ଏହା କିଲୋ ପିଛା ୫ ରୁ ୭ ଟଙ୍କା ଦରରେ ବିକ୍ରି ହୋଇପାରିଲା । ତେବେ ଏହି ମୂଲ୍ୟ ବୃଦ୍ଧି ପଛରେ ଅନେକ ସ୍ୱୟଂ ସହାୟକ ସମିତି ମଧ୍ୟ ସାମିଲ୍ ଥିଲା ଏବଂ ଶାଳମଞ୍ଜିର ସଫଳ ବ୍ୟବସାୟ କରି ଲାଭବାନ ହୋଇପାରିଲା ।

ଏଠାରେ ସୂଚନାଯୋଗ୍ୟ ଯେ 'ବନଭୂଇଁ ସମବାୟ ସମିତି' କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ୍‌ର ଅନ୍ତର୍ଗତ ମାଣିକେରା ଅଞ୍ଚଳରେ ଗଠନ କରାଯାଇଛି । ଏହି ସମିତି ୨୦୦୫ ମସିହାରେ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ ଅନୁସାରେ ପଞ୍ଜୀକୃତ ହୋଇଥିଲା । ୨୦୦୬ ମସିହାରେ ସମିତି ଶାଳମଞ୍ଜିର ବ୍ୟବସାୟ ଲାଗି ଇଚ୍ଛା କରିଥିଲା ।

ତେବେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଗ୍ରାମ" ଓ ଆର୍‌ସିଡିସିର ସକ୍ରିୟ ସହଯୋଗରେ ବନଭୂଇଁ ସମବାୟ ସମିତି ୨୦୦୭ ମସିହାରେ ଶାଳମଞ୍ଜିର ବ୍ୟବସାୟ କରିବା ଲାଗି ଆଗେଇ ଆସିଥିଲା । ଉପରୋକ୍ତ ଅନୁଷ୍ଠାନ ସମିତି ଲାଗି ବଜାରରେ ଶାଳମଞ୍ଜି ବିକ୍ରି କରିବା ଲାଗି ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ । ୨୦୦୭ ମସିହା ଜୁନ୍-ଜୁଲାଇ ମାସରେ ବନଭୂଇଁ ସମବାୟ ସମିତି, ଲାଞ୍ଜିଗଡ଼ ବ୍ଲକ୍‌ର ଲାଞ୍ଜି, କଣ୍ଡାପାରି, ତ୍ରିଲୋଚନପୁର, ବେନିଗାଁ ପ୍ରଭୃତି ୪ଟି ପଞ୍ଚାୟତରୁ ଶାଳମଞ୍ଜି ସଂଗ୍ରହ କରିବାରେ ଲାଗିଥିଲା । ଏହା ସହିତ ସମିତି କୋରାପୁଟ ଜିଲ୍ଲାରୁ ମଧ୍ୟ ଶାଳମଞ୍ଜି ସଂଗ୍ରହ କରିଥିଲା । ଏଥିଲାଗି କୋରାପୁଟସ୍ଥିତ "ସ୍ପ୍ରେଡ" ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଉପଯୁକ୍ତ ସହାୟତା ଯୋଗାଇ ଦେଇଥିଲା । ଫଳରେ ଏହି ସମୟ ମଧ୍ୟରେ ସମିତି ଶାଳମଞ୍ଜି ଲାଞ୍ଜିଗଡ଼ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ଦଳଠାରୁ ୨୬୦୦ କ୍ୱିଣ୍ଟାଲ ଏବଂ ୨୦୦ କ୍ୱିଣ୍ଟାଲ ମଞ୍ଜି କୋରାପୁଟ ଜିଲ୍ଲାରୁ ସଂଗ୍ରହ କରିପାରିଥିଲା । ଉଭୟ ଅଞ୍ଚଳରେ ଶାଳମଞ୍ଜିର କିଲୋପ୍ରତି ଦର ୫ ଟଙ୍କା ରହିଥିଲା । ଏହାକୁ ସମିତି ୫ ଟଙ୍କା ୫୦ ପଇସାରେ ବିକ୍ରି କରିଥିଲା । ଏହି ବ୍ୟବସାୟ ଦ୍ୱାରା ସମିତି ୧ ଲକ୍ଷ ୮୦ ହଜାର ଟଙ୍କା ଲାଭ ପାଇଥିଲା ଏବଂ ଏହି ଲାଭାଂଶକୁ ସଭ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା ।

ତେବେ ବନଭୂଇଁ ସମବାୟ ସମିତିକୁ ଆର୍‌ସିଡିସି ଦ୍ୱାରା ଦିଆଯାଇଥିବା ବ୍ୟବସାୟଗତ ତାଲିମ୍ ଏବଂ ଭବାନୀପାଟଣାଠାରେ ୨୦୦୭ ମସିହାରେ "ବାୟର ସେଲର୍ ମିଟ୍" ନାମକ ଏକ କର୍ମଶାଳା ଏହି ସଫଳତାରେ ଆଣି ଦେଇଥିଲା ।

ବର୍ତ୍ତମାନ ଏହି ସମିତି ଶାଳମଞ୍ଜି ସହିତ ତେନ୍ତୁଳି, ଶିଆଳୀ ଖଳି, ଫୁଲଝାଡୁ, ମହୁଲ, ହରିଡ଼ା, ବାହାଡ଼ା, ଅଁଳା ସହିତ ଔଷଧୀୟ ବୃକ୍ଷର ବ୍ୟବସାୟ କରି ସେଥିରେ ଶାଳମଞ୍ଜି ବ୍ୟବସାୟ ଭଳି ସଫଳ ହେବାକୁ ଲକ୍ଷ ରଖିଛି ।

ବନଭୁଇଁ ସମବାୟ ସମିତିକୁ ଲକ୍ଷ କଲେ ସହଜରେ ଅନୁମାନ କରିହୁଏ ଯେ ଗୋଷ୍ଠୀଗତ ଉଦ୍ୟମ ହିଁ ସଫଳତାର ଚାବିକାଠି । ଏଣୁ ବନଜାତ ଦ୍ରବ୍ୟର ଗୋଷ୍ଠୀଗତ ବ୍ୟବସାୟ କଲେ ଅଧିକ ଦିପଇସା ଲାଭ ମିଳିପାରିବ । ବନଭୁଇଁ ସମବାୟ ସମିତି ଏହି ଶିକ୍ଷା ଦିଏ । ✧

| କ୍ର.ନଂ | ଅଞ୍ଚଳ | ସମ୍ପୂର୍ଣ୍ଣ ଗ୍ରାମ | ଲୋକ ସଂଖ୍ୟା | ସଂଗ୍ରହ ପରିମାଣ (କ୍ୱିଣ୍ଟାଲରେ) | କ୍ୱିଣ୍ଟାଲ ପ୍ରତି (ଟଙ୍କାରେ) | ସଂଗ୍ରହ (ଟଙ୍କାରେ) | ବିକ୍ରି (ଟଙ୍କାରେ) | ଲାଭ (ଟଙ୍କାରେ) |
|---|---|---|---|---|---|---|---|---|
| ୧ | ଲାଞ୍ଜି | ୧୫ | ୨୮୫ | ୮୦୦ | ୫୫୦ | ୪୪୦୦ | ୪୮୦୦ | ୪୦୦ |
| ୨ | କଣ୍ଡାପରି | ୨୦ | ୨୦ | ୭୦୦ | ୫୫୦ | ୩୮୫୦ | ୪୭୦୦ | ୮୫୦ |
| ୩ | ତ୍ରିଲୋଚନପୁର | ୧୦ | ୧୦ | ୫୦୦ | ୫୫୦ | ୨୭୫୦ | ୩୦୦୦ | ୨୫୦ |
| ୪ | ବେନିଗାଁ | ୧୦ | ୯୫ | ୪୦୦ | ୫୫୦ | ୨୨୦୦ | ୨୪୦୦ | ୨୦୦ |
| ୫ | କୋରାପୁଟ | ୬ | -- | ୨୦୦ | ୫୦୦ | ୧୦୦୦ | ୧୧୦୦ | ୧୦୦ |
| **ମୋଟ** | | **୬୧** | **୧୩୦୦** | **୨୬୦୦** | **୨୭୦୦** | **୧୪୨୦୦** | **୧୬୦୦୦** | **୧୮୦୦** |

# କେନ୍ଦୁଗଛ ବି ଭଲ କରିପାରିବ କ୍ୟାନ୍‌ସର୍ ଓ ଏଚ୍.ଆଇ.ଭି.

କେନ୍ଦୁପତ୍ର କେବଳ ବିଡ଼ି ପ୍ରସ୍ତୁତିରେ ଲାଗେ ! ଏହି ଧାରଣାକୁ ଭୁଲ୍ ବୋଲି ପ୍ରମାଣିତ କରି ସାରିଛନ୍ତି ଭୁବନେଶ୍ୱରସ୍ଥିତ "ଇନିଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଆଣ୍ଡ ମେଟେରିଆଲ୍ ଟେକ୍ନୋଲୋଜି"ର ଗବେଷକମାନେ । କେନ୍ଦୁଗଛର ପତ୍ର ଏବଂ କାଣ୍ଡରେ କ୍ୟାନସର୍ ଓ ଏଚ୍.ଆଇ.ଭି. ପ୍ରତିରୋଧକାରୀ ଉପାଦାନ ରହିଛି ବୋଲି ଏହି ଗବେଷଣା ପ୍ରତିଷ୍ଠାନ ତା'ର ରିପୋର୍ଟରେ ଉଲ୍ଲେଖ କରିଛି । ରାଜ୍ୟ କେନ୍ଦୁପତ୍ର ବିଭାଗ ଦ୍ୱାରା "କାଉନ୍‌ସିଲ୍ ଅଫ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ"କୁ କେନ୍ଦୁଗଛ ଉପରେ ଗବେଷଣା କରିବା ଲାଗି ପ୍ରସ୍ତାବ ଦିଆଯିବା ପରେ ଏହି ତଥ୍ୟ ପରିପ୍ରକାଶ ହୋଇଥିଲା ।

କେନ୍ଦୁଗଛ ଭାରତବର୍ଷର ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର ସହିତ ଆମ ରାଜ୍ୟରେ ପ୍ରଚୁର ମାତ୍ରାରେ ଦେଖାଯାଇଥାଏ । ଏହା ଗୋଟିଏ ବୁଦାଳିଆ ଗଛ ଯାହାର ପତ୍ର ବିଡ଼ି ପ୍ରସ୍ତୁତିରେ ଲାଗିଥାଏ । ପ୍ରତିବର୍ଷ ଗୋଛାକଟା ପରେ କେନ୍ଦୁଗଛରୁ ବଳୁଥିବା ଉପର ଅଂଶ ବା କାଣ୍ଡଗୁଡ଼ିକୁ ଜାଳେଣୀ ଭାବେ ବ୍ୟବହାର କରାଯାଇଥାଏ ।

ପତ୍ର ଉତ୍ପାଦନ ଲାଗି ଅନ୍ୟାନ୍ୟ କେତେକ ରାଜ୍ୟ ସହିତ ଆମ ରାଜ୍ୟରେ କେନ୍ଦୁଗଛକୁ ବ୍ୟବହାର କରାଯାଉଛି । ଏହାର ପତ୍ରକୁ ରାଜ୍ୟରେ 'ସବୁଜ ସୁନା' ବା 'ସୁନାର ପତ୍ର' ବୋଲି ମଧ୍ୟ କୁହାଯାଇଥାଏ । ରାଜ୍ୟରେ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତଥା ଅର୍ଥକାରୀ ବନଜାତ ଦ୍ରବ୍ୟ ଭାବେ ପ୍ରସିଦ୍ଧ ଲାଭ କରିଛି । କୃଷି ପରେ ଆମ ରାଜ୍ୟରେ ଏହା ସର୍ବ ବୃହତ କର୍ମ ନିଯୁକ୍ତି ପ୍ରଦାନ କରିଥାଏ, ଯେଉଁଥିରେ ପ୍ରାୟ ୨୦ ଲକ୍ଷରୁ ଅଧିକ ଲୋକ ନିଯୁକ୍ତ ହୋଇଥାନ୍ତି । ରାଜ୍ୟରେ ପ୍ରତି ବର୍ଷ ପ୍ରାୟ ୨୫୦ କୋଟି ଟଙ୍କାର କେନ୍ଦୁପତ୍ର ବ୍ୟବସାୟ ହୋଇଥାଏ ଏବଂ ପ୍ରତ୍ୟେକ ବର୍ଷ ପ୍ରାୟ ୬ ରୁ ୭ ଲକ୍ଷ କ୍ୱିଣ୍ଟାଲ ପତ୍ର ଉତ୍ପାଦନ ହୋଇଥାଏ ।

କେନ୍ଦୁଗଛ ଉପରେ ଗବେଷକମାନେ ଅନେକ ଦିନ ଧରି ଗବେଷଣା କଲାପରେ ଜାଣିବାକୁ ପାଇଲେ ଯେ କେନ୍ଦୁଗଛର ପତ୍ରରେ ୨୩ଟି ଏବଂ କାଣ୍ଡରେ ୩୧ଟି ମୂଲ୍ୟବାନ ରାସାୟନିକ ଉପାଦାନ ରହିଛି



ଗୁଣ ଚିହ୍ନେ ଗୁଣିଆ : କେନ୍ଦୁପତ୍ରର ଔଷଧୀୟ ଗୁଣ

ଯେଉଁଥିରୁ ୧୫ଟି ଉପାଦାନ ସ୍ୱୟଂ ସମ୍ପୂର୍ଣ୍ଣ । ଏହାର ପତ୍ରରେ "ଅର୍ସୋଲିକ୍ ଏସିଡ୍" ଓ "ଓଲେନିକ୍ ଏସିଡ୍"ର ପରିପୂର୍ଣ୍ଣ ମାତ୍ରା ଥିବାବେଳେ କାଣ୍ଡରେ ଲୁପିଓଲ, ବେଟୋଲିନ୍ ଏବଂ ବେଟୋଲିନିକ୍ ଏସିଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଉପଯୋଗୀ ରସାୟନିକ ଉପାଦାନ ରହିଛି ।

ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ରସାୟନିକ ଉପାଦାନ ମଧ୍ୟରୁ ଓଲେନିକ୍ ଏସିଡ୍ ଉତ୍ତେଜନା ନିରୋଧକ, ଗଣ୍ଠିବାତ ନିରୋଧକ ହୋଇଥିବାବେଳେ ଅର୍ସୋଲିକ ଏସିଡ୍ ଲିଭରକୁ ସୁରକ୍ଷା କରିଥାଏ । ଲୁପିଓଲ, ବେଟୁଲିନ୍ ଏବଂ ବେଟୁଲିନିକ୍ ଏସିଡର କ୍ୟାନସର ନିରୋଧି ତଥା ମାରାତ୍ମକ ବ୍ୟାଧି ଏଡସ୍‌ରୁ ରକ୍ଷା କରିପାରିବା ଭଳି କ୍ଷମତା ରହିଛି ।

ବର୍ତ୍ତମାନ ଏହିସବୁ ରସାୟନିକ ଉପାଦାନକୁ ନେଇ ଔଷଧ ପ୍ରସ୍ତୁତ କରିବା ଲାଗି ବିଶ୍ୱ ସ୍ତରରେ ଚେଷ୍ଟା ଚାଲିଛି । ଏହି ଚେଷ୍ଟା ସଫଳ ହେଲେ ଉପରୋକ୍ତ ଉପାଦାନଗୁଡ଼ିକ ଆମ ରାଜ୍ୟ ତଥା ବାହାର ରାଜ୍ୟର କେନ୍ଦୁପତ୍ର ଉତ୍ପାଦିତ ହେଉଥିବା ଅଞ୍ଚଳମାନଙ୍କରୁ ଖୁବ୍ ସହଜରେ ଉପଲବ୍ଧ ହୋଇପାରିବ ଏବଂ ଆମ ରାଜ୍ୟ ମଧ୍ୟ କୋଟି କୋଟି ଟଙ୍କାର ବ୍ୟବସାୟ କରିପାରିବ ।

ଉପରୋକ୍ତ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ବୈଜ୍ଞାନିକ ପ୍ରଫେସର ବି.କେ.ମିଶ୍ର ଏବଂ ଡକ୍ଟର ୟୁ.ଭି. ମାଲଭଦାନି କେନ୍ଦୁପତ୍ର ଉପରେ ଏହି ଗବେଷଣା କରିଥିଲେ । ତାଙ୍କର ମତରେ କେନ୍ଦୁଗଛ ଉପରେ ମୌଳିକ ଗବେଷଣା ସରିଛି । ତେଣୁ ଉନ୍ନତ ଗବେଷକ ପ୍ରତିଷ୍ଠାନ ଏବଂ ଔଷଧୀୟ ଗୁଳ୍ମ ଲତା ଉପରେ କାର୍ଯ୍ୟ କରୁଥିବା ସଂସ୍ଥାମାନେ ବର୍ତ୍ତମାନ ଏହି ଗବେଷଣାକୁ ଆଗେଇ ନେବା ଏବଂ କାର୍ଯ୍ୟରେ ଲଗାଇବାର ସମୟ ଆସିଛି ।

ଏହି ଗବେଷଣାରେ ଦର୍ଶାଯାଇଛି ଯେ ସିଗାରେଟ୍‌ଠାରୁ ବିଡ଼ି କମ କ୍ଷତିହାରକ ଅଟେ । ଗୋଟିଏ ଦିନର ୧୦ଟି ସିଗାରେଟ୍ ୯ ଥର ହୃଦଘାତ ହେବାର ଆଶଙ୍କା ବଢ଼ାଇଥାଏ । କିନ୍ତୁ ସମାନ ସଂଖ୍ୟକ ବିଡ଼ି ଦ୍ୱାରା ମାତ୍ର ୮.୧ ଥର ଆଶଙ୍କା ଥାଏ ।

ଭାରତର ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ବିଡ଼ି ବ୍ୟବହାର କରିଥାନ୍ତି । କେନ୍ଦୁପତ୍ରର ପ୍ରସ୍ତୁତ ହେଉଥିବା ବିଡ଼ି ବା ଦେଶୀ ସିଗାରେଟ୍ ତାହାର ତମାଖୁ ଗୁଣ କାରଣରୁ ଶରୀର ଲାଗି କ୍ଷତିକାରକ ଅଟେ । କିନ୍ତୁ କେନ୍ଦୁପତ୍ର ତଥା କାଣ୍ଡର ଔଷଧୀୟ ଗୁଣ ତୁଳନାରେ ଏହା କିଛି କମ୍ ନୁହେଁ ।

✧

**ତଥ୍ୟ : ଦି ୱିକ୍, ଫେବୃୟାରୀ ୨୦୦୮**



# ଝାର୍‌ଦ୍ୟାବ


ରିଜିଓନାଲ୍ ସେଣ୍ଟର୍ ଫର୍
ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
(ଆର୍.ସି.ଡି.ସି)
ଭୁବନେଶ୍ୱର-୭୫୧୦୦୭
ଫୋନ୍-(୦୬୭୪)୨୫୪୫୨୫୦

Website:
www.banajata.org
www.rcdcindia.org

E-mail:
rcdcbbsr@bsnl.in rcdcbbsr@gmail.com

ଆର୍.ସି.ଡି.ସି.-ବଲାଙ୍ଗୀର
ବଲାଙ୍ଗୀର-୭୬୭୦୦୧
ଫୋନ-୦୬୬୫୨-୨୩୪୮୪୨
E-mail: rcdcbbgr@rediffmail.com

ଆର.ସି.ଡି.ସି.-ନବରଙ୍ଗପୁର
ମଦର ଟେରେସା ମାର୍ଗ, ବ୍ଲକ୍ ଛକ
ନବରଙ୍ଗପୁର-୭୬୪୦୫୯
ଫୋନ୍-୦୬୮୫୮-୨୨୩୭୯୨
E-mail: rcdcngr@bsnl.in



(କେବଳ ଘରୋଇ ପ୍ରସାରଣ ନିମିତ୍ତ)